ନବବର୍ଷ ବିଶେଷାଙ୍କ

ଓଡ଼ିଶାର ପ୍ରଥମ ସଂପୂର୍ଣ୍ଣ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

୫



www.facebook.com/odiaparibar

ସପ୍ତମ ବର୍ଷ, ପ୍ରଥମ ସଂଖ୍ୟା

ଜାନୁଆରୀ, ୨୦୧୨

ଓଡ଼ିଶାର ପ୍ରଥମ ସଂପୂର୍ଣ୍ଣ ଓଡ଼ିଆ ଇ-ପତ୍ରିକା

# ଆହ୍ୱାନ

୨

**ଆସ ଓଡ଼ିଆରେ ଲେଖିବା, ପଢ଼ିବା, ପଢ଼ାଇବା**

ପ୍ରତିଷ୍ଠାତା ଓ ସଂପାଦକ

## ଡ଼ା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍, ପି.ଜି.ଡ଼ି.ଏମ୍.ସି.ଏଚ୍, ପି.ଜି.ଡ଼ି.ଏଚ୍.ଏମ୍

ଯୋଗାଯୋଗ : ବୀମା ନଗର, ଆମ୍ବପୁଆ ମୁଖ୍ୟ ରାସ୍ତା, ବ୍ରହ୍ମପୁର, ପିନ୍: ୭୬୦୦୧୦, ଓଡ଼ିଶା, ଫୋନ୍: ୯୮୬୧୯୬୨୧୬୦

ଆମେ ଆଜି ସୂଚନା ପ୍ରଦ୍ୟୋଗିକୀର ଯୁଗରେ
ପାଦ ଦେଇଛେ । ଏହି ସମୟରେ ଓଡ଼ିଆ ଭାଷା
ସାହିତ୍ୟର ଉନ୍ନତି ନିମନ୍ତେ ହେଉଥିବା ଅନେକ
କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରୁଥିବା ଅଗଣିତ
ଓଡ଼ିଆଭାଷା ପ୍ରେମୀଙ୍କ ଉଦ୍ଦେଶ୍ୟରେ
ଉତ୍ସର୍ଗୀକୃତ ଏହି ସଂସ୍କରଣ...




## ପ୍ରଚ୍ଛଦ

ଶୀତ ଋତୁର ଛଟା ଗଗନପବନରେ ଅନୁଭୂତ ହେଉଛି । ଏହିପରି ସମୟରେ ବନ ଉପବନ ବିଭିନ୍ନ ପୁଷ୍ପସମ୍ଭାର ସୃଷ୍ଟି କରି ପ୍ରାଣୀଙ୍କ ମନକୁ ଆମୋଦିତ କରୁଛନ୍ତି । ଏଇମିତି ଏକ ସମୟରେ ଉଣା ଅଧିକେ ଆମ ସମସ୍ତଙ୍କ ବାଡ଼ି ବଗିଚାରେ ଅତି କମରେ ଗେଣ୍ଡୁ ଫୁଲ ଗଛ ମନ୍ଦାଏ ଉଠିଥିବା ସ୍ୱାଭାବିକ । ସେହି ପରି ଏକ ବଗିଚାରୁ ସୂର୍ଯ୍ୟଙ୍କ ଆଭାକୁ ଗେଣ୍ଡୁଫୁଲ ଗଛ ଭିତରୁ ବହରୁଥିବାର ଦୃଶ୍ୟକୁ ନେଇ ଏଥରର ପ୍ରଚ୍ଛଦ ।

## ଆହ୍ୱାନ ପ୍ରକାଶନ ବିଷୟରେ ସମ୍ୟକ୍ ବିବରଣୀ

- ଆହ୍ୱାନ ଇ-ପତ୍ରିକା ଓଡ଼ିଶାରୁ ପ୍ରକାଶିତ ପ୍ରଥମ ଏବଂ ଏକମାତ୍ର ସଂପୂର୍ଣ୍ଣ ଓଡ଼ିଆରେ ପ୍ରକାଶିତ ସାହିତ୍ୟ ଇ-ପତ୍ରିକା ।
- ଏହା ପ୍ରତ୍ୟେକ ମାସର ପ୍ରଥମ ସପ୍ତାହରେ ପ୍ରକାଶିତ ହୋଇଥାଏ ।
- ବେଳେ ବେଳେ ପୂଜାପର୍ବପର୍ବାଣୀ ସମୟରେ ସମୟୋପଯୋଗୀ ବିଶେଷ ସଂସ୍କରଣ ମାନ ମଧ୍ୟ ପ୍ରକାଶିତ ହୁଏ ।
- ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗ ଯଥା, ଗଳ୍ପ, କବିତା, ପ୍ରବନ୍ଧ, ରମ୍ୟ ରଚନା, ଶିଶୁ ରଚନା, ଭ୍ରମଣ କାହାଣୀ ଇତ୍ୟାଦି ଏଥିରେ ପ୍ରକାଶିତ ହୁଏ
- ଏହି ପତ୍ରିକାରେ ଲେଖା ପ୍ରକାଶିତ କରିବା ପାଇଁ ନୂଆ ଓ ପୁରୁଣା ଉଭୟ ସାହିତ୍ୟକାରଙ୍କୁ ପ୍ରୋତ୍ସାହନ ଦିଆଯାଇଥାଏ ।
- ଯେହେତୁ ଏହି ପତ୍ରିକା ନିଃଶୁଳ୍କ ବିତରଣ ନିମିତ୍ତ ଉଦ୍ଦିଷ୍ଟ ତେଣୁ ଲେଖକ ଲେଖିକା ମାନଙ୍କୁ କୌଣସି ପ୍ରକାରର ପ୍ରୋତ୍ସାହନ ରାଶି ଦିଆଯାଏ ନାହିଁ ।
- ପାରିଶ୍ରମିକ ଆଶା କରୁଥିବା ଲେଖକ ଲେଖିକା ମାନେ ନିଜ ଲେଖା ବ୍ୟବସାୟିକ ପତ୍ରପତ୍ରିକାକୁ ପଠାଇ ପାରିବେ ।
- ଏହି ପତ୍ରିକା ପ୍ରତ୍ୟେକ ମାସରେ ଇଣ୍ଟରନେଟ୍‌ରେ ନିଃଶୁଳ୍କ ପଢ଼ିବା ପାଇଁ ଉପଲବ୍ଧ ହୋଇଥାଏ ।
- ପାଠକ ଚାହିଁଲେ ଏହି ପତ୍ରିକାର ଗୋଟିଏ ପ୍ରତିଲିପି ନିଜ କଂପ୍ୟୁଟରରେ ଡ଼ାଉନ୍‌ଲୋଡ୍ କରି ପାରିବେ ।
- ଏହି ପତ୍ରିକା ଉନ୍ନତି ହେତୁ ଆପଣଙ୍କ ସହାୟତା ଆମର ଏକାନ୍ତ କାମ୍ୟ ।
- ଲେଖକ ଲେଖିକା ମାନେ ନିଜ କୃତି ଆମ ନିକଟକୁ ଡ଼ାକଦ୍ୱାରା କିମ୍ବା ଇ-ମେଲ୍ ଦ୍ୱାରା ପଠାଇପାରିବେ ।
- ଡ଼ାକ ଦ୍ୱାରା ପଠାଉଥିଲେ ନିଜ ଲେଖାକୁ ଧଳା କାଗଜର ଗୋଟିଏ ପାର୍ଶ୍ୱରେ ନିର୍ଭୁଲ ହସ୍ତାକ୍ଷରରେ ଲେଖି ପଠାନ୍ତୁ, କିମ୍ବା ଟାଇପ୍ କରି ମଧ୍ୟ ପଠାନ୍ତୁ ।
- ଇ-ମେଲ୍ ଦ୍ୱାରା ପଠାଉଥିଲେ ଲେଖାକୁ ଲେଖି ସାରିବ ପରେ ସ୍କାନିଂ କରି ଆମ ଇ-ମେଲ୍ ଠିକଣାରେ ପଠାନ୍ତୁ ।
- ଆହ୍ୱାନର ପ୍ରକାଶନ ସଂପୂର୍ଣ୍ଣ ପରିବେଶ ଅନୁକୂଳ, କାରଣ ଏହାଦ୍ୱାରା କାଗଜର ବ୍ୟବହାର କମ ହୋଇଥାଏ, ଯେଉଁଥିପାଇଁ ଗଛ କାଟିବାକୁ ପଡ଼େନାହିଁ ।

ଆମକୁ ଲେଖା ପଠାଇବା ଠିକଣା : -

# ଡ଼ା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍, ପିଜିଡ଼ିଏମ୍‌ସିଏଚ୍, ପିଜିଡ଼ିଏଚ୍‌ଏମ୍

ବୀମା ନଗର, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା, ଫୋନ୍:- ୯୭୧୯୭୨୧୭୦ / ୯୦୪୦୯୮୫୪୭୩

ଇ-ମେଲ୍ : aahwaan@gmail.com

# ସୂଚୀପତ୍ର


ପ୍ରଚ୍ଛଦ ୪

ଆହ୍ୱାନ ବିଷୟରେ ୫

ସଂପାଦକୀୟ ୮

ମନୋଜ ଦାସ

ସାରୁଗଛ ମୂଳେ ୧୩

ଉଦୟନ ସୂପକାର

ଏଣ୍ଡୁଅ ୧୪

ଡ଼ା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ବିତର୍କିତ କବିତା ୧୫

ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

ଆମ ରୋଷେଇ ଘରୁ ୧୬

ଉପଦେଶ କଥା ୧୯

ବାଲ୍ମିକୀ ନାୟକ

ପୁରୁଷ ଯଦି ସ୍ତ୍ରୀ ହୁଅନ୍ତେ ୨୦

କରୁଣାକର ପାଟଶାଣୀ

ପୁନଶ୍ଚ ପ୍ରତିମା ୨୩

ଡ଼ଃ କୁଳାଙ୍ଗାର

ଚିଡ଼ିଆଖାନା ୨୪

ମୀନକେତନ ପଟ୍ଟନାୟକ

ପାନ୍ଥଶାଳା ୨୬

ସ୍ୱାଇଁ ରମେଶ ଚନ୍ଦ୍ର

ମୋ ଉତ୍କଳ ୨୭

ଅଧ୍ୟାପକ ଦେବେନ୍ଦ୍ର କୁମାର ପାଣିଗ୍ରାହୀ

ଜଗତିକରଣ– ଆମେରିକା ବ୍ୟୁହରେ ଭାରତ୨୮

ଚନ୍ଦ୍ର ଶେଖର ବିଶ୍ୱାଳ

MODERN ନାରଦ ୩୧

ପ୍ରଶାନ୍ତ କୁମାର ଭୂୟାଁ

ମୋ ଭ୍ରମଣ କାହାଣୀ–୩ ୩୫

ସରୋଜ ମିଶ୍ର

ଭଲ ହେବା କଣ ଭୁଲ ୩୯

ନିବେଦିତା ମିଶ୍ରଗୁରୁ

ଅବରୁଦ୍ଧ ଆକାଶ ୪୦

ଉର୍ମିଳା ମିଶ୍ର

ସଂସାର ୪୧

ସ୍ୱପ୍ନଲତା ମିଶ୍ର (ରଥ)

ସଂକଳ୍ପ ୪୨

ଆଶିଷ କୁମାର ପଣ୍ଡା

ଯଦି କେବେ ମୋ ନମ୍ବର ୪୩

ଅକ୍ଷୟ କୁମାର ରାଉତ

ପ୍ରବଚନ ଚାଷ ୪୪

ରଶ୍ମି ରଞ୍ଜନ ଦାସ(ବାପୁ)

ନାରୀଭ୍ରୂଣ ହତ୍ୟା ବିରୁଦ୍ଧରେ ୪୫

ବିକୀ ମିଶ୍ର

ପ୍ରେମ, ପ୍ରେମିକା ଓ ପ୍ରେମାନ୍ତର ୪୭

ସତ୍ୟନାରାୟଣ ପତ୍ରୀ

ତୁମକୁ ବାନ୍ଧି ରଖିବାକୁ ହେବ ୪୯

ଆଦିତ୍ୟ ସାହୁ

ଅଭିମାନୀ ୫୦

ଡ଼ା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଆମ ଗାଁ ହାଲଚାଲ୍ ୫୧

ରଶ୍ମୀ ରଞ୍ଜନ ଦାସ (ବାପୁ)

ଏଡ୍‌ସ ରୋଗ ସଚେତନତା ୫୭

ପ୍ରଥମ ଅନଲାଇନ୍ ସାହିତ୍ୟ ଆସର ୬୦

ପ୍ରଶାନ୍ତ କୁମାର ଭୂୟାଁ

ଭୂୟାଁ ବାବୁଙ୍କ ରୋଷେଇଘରୁ ୬୧


ମୁଁ ସୁରେଶ

ଆକାଶେ କି ରଙ୍ଗ ଲାଗିଲା ୬୫

ବିଦ୍ୟାଧର ପଣ୍ଡା

ତିନୋଟି ମିନି କବିତା ୬୬

ସୂଚନା ପୃଷ୍ଠା ୬୭




# ସଂପାଦକୀୟ

ସମ୍ପାଦକୀୟ

ପୁଣି ବର୍ଷଟିଏ ବିତିଗଲା। ଆହ୍ୱାନର ନୂତନ ସଂସ୍କରଣକୁ ଆପଣ ମାନଙ୍କୁ ସ୍ୱାଗତ କରିବା ମୋ ପକ୍ଷରେ ଅତ୍ୟନ୍ତ ଆନନ୍ଦର ବିଷୟ। ବିଗତ ମାସରେ ବିଭିନ୍ନ ଅନିବାର୍ଯ୍ୟ କାରଣ ହେତୁ ପତ୍ରିକାକୁ ପ୍ରକାଶନ କରିବା ସମ୍ଭବ ହୋଇନଥିଲା। କିନ୍ତୁ ମୁଁ ବହୁତ ଖୁସି ଯେ ଏହି ପତ୍ରିକାର ପୃଷ୍ଠପୋଷକତା କରିଥିବା ଅଗଣିତ ଓଡ଼ିଆ ବନ୍ଧୁମାନେ ମୋର ଏହି ନିଷ୍ପତ୍ତିକୁ ସାଦରେ ଗ୍ରହଣ କରିଥିଲେ। ଚଳିତ ସଂସ୍କରଣରେ ଆମେ ପୁଣିଥରେ ସମ୍ପୂର୍ଣ୍ଣ ଓଡ଼ିଆରେ ମନ ମୁଗ୍‌ଧକର ଗଳ୍ପ ଓ କବିତା ପଢ଼ିବା ଓ ଓଡ଼ିଆ ହେବା ପାଇଁ ନିଜକୁ ଗର୍ବାନ୍ୱିତ ମନେ କରିବା।

ଓଡ଼ିଆ ଜାତି ବିଷୟରେ ବିଷୋଦ୍‌ଗାର କରିଦେଲେ ଅନ୍ୟର ସହାନୁଭୂତି ପାଇବା ଏବଂ ସମଚିନ୍ତାଧାରା ବିଶିଷ୍ଟ କିଛି ଲୋକଙ୍କ ସହିତ ବସି ଆମେ ଓଡ଼ିଆ ମାନେ କେତେ ସ୍ୱାର୍ଥପର ଏହା ଚର୍ଚ୍ଚା କରି ପାରିଲେ, ଅନେକ ଲୋକ ଅତ୍ୟନ୍ତ ତୃପ୍ତି ଲାଭ କରନ୍ତି। ଓଡ଼ିଆ କଙ୍କଡ଼ା ଜାତି, ଜଣେ ଉପରକୁ ଉଠିଲେ ତା ଗୋଡ଼ ଟାଣିବା ପାଇଁ ହଜାରେ ପହଞ୍ଚିଯିବେ, ନିଜ ଜାତିଭାଇଙ୍କୁ ଚିହ୍ନିବେ ନାହିଁ, ବିଦେଶରେ ନିଜକୁ ଓଡ଼ିଆ ବୋଲି ପରିଚୟ ଦେବେ ନାହିଁ, ଇତ୍ୟାଦି ଅନେକ ପ୍ରକାରର ଅଭିଯୋଗ ଶୁଣି ଶୁଣି ମନ ବହୁତ ଭାରୀ ହୋଇଯାଉଛି। କିନ୍ତୁ ଏହା ପଛରେ ଥିବା ସତ୍ୟତା ପରୀକ୍ଷାର ବିଷୟ। ବ୍ୟକ୍ତିଗତ ସ୍ତରରେ ଏପରି

କୌଣସି ଅନୁଭୂତି ମୋର ହୋଇନାହିଁ । ଯାହାକୁ ଲୋକମାନେ ଗୋଡ଼ ଭିଡ଼ା ଅଭ୍ୟାସ ବୋଲି କହିଛନ୍ତି, ତାହା ସମ୍ଭବତଃ ମୋତେ ଉନ୍ନତ ଧରଣର ସମାଲୋଚନା ପରି ଲାଗିଛି ଏବଂ ତାହାକୁ ଶକ୍ତି କରି ମୁଁ ଆଗକୁ ବଢ଼ିବାକୁ ଚେଷ୍ଟା କରିଛି । ଯେଉଁ ବନ୍ଧୁମାନେ ମୋତେ ବାରମ୍ବାର ଆଘାତ ଦେବାକୁ ଚେଷ୍ଟା କରିଛନ୍ତି, ସେମାନେ ଅନ୍ୟ ଦୃଷ୍ଟିରେ ଦେଖିଲେ ମୋ ପାଇଁ ଆଗକୁ ବଢ଼ିବା ପାଇଁ ଉତ୍ସାହ ଓ ଶକ୍ତି ଦେଇଛନ୍ତି । ନା ଆମେ ଓଡ଼ିଆ ମାନେ କେବେ ବି ନିଜକୁ ହୀନ ବା ଘୃଣ୍ୟ କହି ଦର୍ଶାଇବା ନାହିଁ । ନିଜ ଭାଇକୁ ଖରାପ ବୋଲି କହିଦେଲେ ବା ପ୍ରମାଣିତ କରିଦେଲେ, ଆମକୁ ମିଳିବ କଣ ? ପର ଆଗରେ ଆମେ ନିଜ ପରିବାରକୁ ହିଁ ମହତ୍ତ୍ୱହୀନ ବୋଲି ଦର୍ଶାଇବା ଯାହା । ସେଥିପାଇଁ ମୁଁ ସବୁବେଳେ ଭାଷା ଓ ଭୂମିପାଇଁ ଆଶାପୂର୍ଣ୍ଣ କଥା କହି ଆସିଛି । ଆଉ ସବୁବେଳେ କହୁଥିବି ମଧ୍ୟ ।

ଆମେ ଆଜି ଆମ ଭାଇଭଉଣୀଙ୍କୁ ଓଡ଼ିଆ ଜାଣୁନାହାନ୍ତି କହି ଦୋଷାରୋପ କରିଦେବା ସତ ହେଲେ ସେମାନେ କାହିଁକି ଜାଣୁନାହାନ୍ତି ବା ଜାଣିବାକୁ ସ୍ପୃହା ଦେଖାଉନାହାନ୍ତି ସେ ବିଷୟରେ ଚିନ୍ତା କରିବା ନାହିଁ କାହିଁକି । ଆମ ନିଜ ଘର ମାନଙ୍କରେ ଏବେ ପ୍ରତିଯୋଗିତା ଚାଲିଛି, ଆମ ପିଲା ମାନଙ୍କୁ ଇଂରାଜୀ ଓ ଅନ୍ୟଭାଷାରେ ପାରଙ୍ଗମ କରିବା ପାଇଁ । ଆଗାମୀ ଦିନରେ ଆମ ପିଲାମାନେ ବାଙ୍ଗାଲୋର, ପୁନେ, ବମ୍ବେ, ଦିଲ୍ଲୀ କିମ୍ବା ସୁଦୂର ବିଦେଶରେ ଯାଇ ରହିବେ, ଚାକିରୀ କରିବେ ଏଇ ଆଶାରେ । ତା ହେଲେ ସେଥିରେ ସେମାନଙ୍କ ଦୋଷ କଣ ? ଆମ ମନରେ ତ ରହିଯାଇଛି ଯେ ଓଡ଼ିଶାରେ କିଛି ନାହିଁ । ଆମ ପିଲା ମାନଙ୍କ ପାଇଁ ଚାକିରୀ ନାହିଁ । ଅଧିକ ପଢ଼ିବାପାଇଁ ସୁଯୋଗ ନାହିଁ । ଚାକିରୀରେ ଭଲ ଦରମା ନାହିଁ । ଇତ୍ୟାଦି ଇତ୍ୟାଦି... ।

କିଛି ମାସ ତଳେ ହଠାତ ଦିନେ ସରକାରୀ ବିଜ୍ଞପ୍ତି ପ୍ରକାଶିତ ହେଲା । ଇଂରାଜୀ ଭାଷାରେ ଓରିସାରୁ ଓଡ଼ିଶା ଆଉ ଓରିୟାରୁ ଓଡ଼ିଆ ବୋଲି ବିଧିବଦ୍ଧ ଭାବରେ ଘୋଷଣା କରିଦିଆଗଲା । ଏହାପରେ ଏହାକୁ ନେଇ ଅନେକ ଚର୍ଚ୍ଚା ପରିଚର୍ଚ୍ଚା, ସଭା ସମିତି ଆଦି ହୋଇଗଲା । କିନ୍ତୁ ଏହା ଦ୍ୱାରା ଆମର କଣ ପରିବର୍ତ୍ତନ ହେଲା ତାହା ମୁଁ ଜାଣିପାରିଲି ନାହିଁ । ଓରିୟା ହେଉ ବା ଓଡ଼ିଆ ହେଉ ଆମେ ବୁଝିଲା ଭଳି ହେଲେ ଗଲା । ଓଡ଼ିଶା ଆଉ ଓଡ଼ିଆ ହୋଇଗଲେ ଆମେ କ'ଣ ନିର୍ଭରଯୋଗ୍ୟ ଭାବରେ କହି ପାରିବା ଯେ ଆମ ପିଲା ପରିବାର ଲୋକମାନେ ସମ୍ପୂର୍ଣ୍ଣ ଓଡ଼ିଆ ହୋଇଗଲେ ? ସେମାନେ ଓଡ଼ିଆରେ କଥାବାର୍ତ୍ତା କହିବା ଶିଖିଗଲେ ? ଓଡ଼ିଆ ଭାଷାର ଶବ୍ଦକୋଷ ପଢ଼ିବା ବା ଅନ୍ତତଃ

ଦେଖିବା ପାଇଁ କେତେଜଣ ସ୍ପୃହା ଦେଖାଇଲେ ? ଆମ ଜାତିର ଆମ ଭାଷା ଓ ସାହିତ୍ୟର ଉନ୍ନତି ପାଇଁ ସରକାରୀ ପ୍ରଚେଷ୍ଟା ଅପେକ୍ଷା ଆମ ନିଜର ପ୍ରଭୂତ ପ୍ରଚେଷ୍ଟା ରହିବା ଅତ୍ୟନ୍ତ ଜରୂରୀ । ଯେତେଦିନ ଯାଏଁ ଆମେ ନିଜେ ଓଡ଼ିଆ ବୋଲି ଗର୍ବ କରିନାହୁଁ, ସେତେଦିନ ଯାଏଁ କେହି ଆମକୁ ଗର୍ବିତ କରିପାରିବ ନାହିଁ ।

ଆମ ମାତୃଭାଷାକୁ ନେଇ ଆମେ ନିଜେ ସମ୍ମାନବୋଧ କରିବା ପରେ ହିଁ ଆମେ ନିଜକୁ ଓ ନିଜ ଭାଷା ସାହିତ୍ୟକୁ ସମ୍ମାନ ଦେଇ ପାରିବା । ଅନ୍ୟ ସମ୍ମୁଖରେ ହିନ୍ଦୀ ହେଉ ଅବା ଇଂରାଜୀରେ ହେଉ କଥାବାର୍ତ୍ତା କରିଦେଇ ବାହାବା ଲୁଟି ନେବାର ପ୍ରୟାସ କରୁଥିବା ଲୋକଟିଏ ଯେ ନିଜ ମାତୃଭାଷା ନେଇ ନିଜ ଅନ୍ତରରେ ହୀନମଣ୍ୟତାର ଶୀକାର ଏଥିରେ ଦ୍ୱିମତ ନାହିଁ । ସମ୍ପ୍ରତି ଯୁଗ ହେଉଛି ବିଜ୍ଞାପନର, ତେଣୁ ଆମ ଭାଷା ସାହିତ୍ୟର ବିଜ୍ଞାପନ ବା ପ୍ରସାର ହେବା ଅତ୍ୟନ୍ତ ଜରୂରୀ । ଓଡ଼ିଆ ଭାଷା ସାହିତ୍ୟପ୍ରତି ବିମୁଖ ପ୍ରତ୍ୟେକ ବ୍ୟକ୍ତିଙ୍କ ମନରେ ଏହି ବିଷୟ ପ୍ରତି ଆଗ୍ରହ ସୃଷ୍ଟି କରିବା ବର୍ତ୍ତମାନ ବହୁତ ଜରୂରୀ ହୋଇପଡ଼ିଛି । ଏହି ପରିପ୍ରେକ୍ଷୀରେ ଓଡ଼ିଆ ଭାଷା ଆନ୍ଦୋଳନରେ ବ୍ରତୀ ଅନେକ ବନ୍ଧୁ ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ମାନ ଆୟୋଜନ କରୁଛନ୍ତି । ଓଡ଼ିଶାର ପ୍ରତ୍ୟେକ ସହରରେ ଅନ୍ୟୁନ ଗୋଟିଏରୁ ଅଧିକ ସାହିତ୍ୟ ସଂସଦମାନ ରହିଛି, ଯେଉଁଠି କବି ଓ ଗାଳ୍ପିକମାନେ ସଭା ସମିତି କରି ଓଡ଼ିଆରେ ଲେଖାଲେଖିକୁ ପ୍ରୋତ୍ସାହନ ଦେଇ ଆସୁଛନ୍ତି । ସେହିପରି ଓଡ଼ିଶା ବାହାରେ ଭାରତର ବିଭିନ୍ନ ସହର ମାନଙ୍କରେ ମଧ୍ୟ ଓଡିଆ ମାନଙ୍କର ବିଭିନ୍ନ ସଂଗଠନ ଏହି ଦାୟିତ୍ୱ ସୂଚାରୁ ରୂପେ ଚଳାଇବା ପାଇଁ ଚେଷ୍ଟା କରୁଛନ୍ତି ।

ଆହ୍ୱାନ ଓଡ଼ିଆ ପରିବାର ତରଫରୁ ଏକ ଅନୁରୂପ ପ୍ରୟାସ କରାଯାଇଥିଲା । ଇଣ୍ଟର୍‌ନେଟରେ ଏକ ସମୟରେ ବିଶ୍ୱର ବିଭିନ୍ନ ସ୍ଥାନରେ ଏକ ସମୟରେ ବସିରହି ଓଡ଼ିଆ ସାହିତ୍ୟାନୁରାଗୀ ମାନେ ନିଜସ୍ୱ ରଚନା ପଢ଼ି ପରସ୍ପରକୁ ଶୁଣାଇଥିଲେ । ଏବଂ ପ୍ରତ୍ୟେକ ଅଂଶୀଦାର ଏହି କାର୍ଯ୍ୟକ୍ରମକୁ ନେଇ ସନ୍ତୋଷ ପ୍ରକାଶ କରିଥିଲେ । ଯଦିଓ ଅନେକେ ଏହାର ଉପାଦେୟତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି, ତଥାପି ସାହିତ୍ୟ ସଂସଦ ଓ ସଂଘରୁ ଉର୍ଦ୍ଧ୍ୱକୁ ଉଠି ଓଡ଼ିଆ ଭାଷା ସାହିତ୍ୟକୁ ବିଶ୍ୱ ଦରବାରରେ ଉପସ୍ଥାପନ କରିବାର ଏକ ଉନ୍ନତ ପ୍ରୟାସ କରାଯାଇଛି, ଏଥିରେ ଦ୍ୱିମତ ନାହିଁ ।

ପ୍ରତ୍ୟେକ ଓଡ଼ିଆ ଯଦି ଓଡ଼ିଆ ଭାଷାରେ ଲେଖିବା, ପଢ଼ିବା ଆରମ୍ଭ କରେ, ତେବେ ସେ ଦିନ ଦୂର ନାହିଁ ଯେବେ ଓଡ଼ିଆ ଭାଷା ସାହିତ୍ୟର ପୁନରୁଦ୍‌ଭାବନ ହୋଇ ଆମ ହୃତ

ଗୌରବ ଫେରି ଆସିବ ।

ବିଶ୍ୱର ପ୍ରତ୍ୟେକ ଜାତିରେ ଉଭୟ ଭଲ ଓ ମନ୍ଦ ପ୍ରକାରର ଲୋକ ରହିଛନ୍ତି, ତାହେଲେ ଆମେ କେବଳ ନିଜକୁ ହିଁ ନିନ୍ଦା ଦେଇ କାହିଁକି ଛୋଟ କରିଦେବା । ଆମେ ଏକାଠି ହାତ ମିଶାଇ କାମ କଲେ କଣ ଅସୁବିଧା ହେବ ? ଆମେ ସମସ୍ତେ ଓଡ଼ିଆ ଭାଷା ସାହିତ୍ୟର ଉନ୍ନତି ପାଇଁ ହିଁ କାମ କରୁଛେ ତେବେ ଜଣେ ଅନ୍ୟଜଣଙ୍କର କାମକୁ ପ୍ରଶଂସା କଲେ ଅସୁବିଧା କଣ ? ପରସ୍ପରକୁ ପ୍ରତିଦ୍ୱନ୍ଦୀ ବୋଲି ଭାବିବା ଅପେକ୍ଷା ସହକର୍ମୀ ବୋଲି ଭାବିଲେ ଆମେ କେତେ ଯେ ଅଧିକ କାମ କରି ପାରନ୍ତେ ତାହା ଆମ ଭାବନାରୁ ବି ଅଧିକ ହୋଇପାରେ । କିନ୍ତୁ ବୋଧହୁଏ ଲୋକମାନେ ଠିକ୍ କହୁଛନ୍ତି, ଆମେ ପରସ୍ପରର ଉନ୍ନତିରେ ଈର୍ଷାଳୁ ହୋଇ ଉଠୁଛେ, ଆଉ ଆମ ମୁଖ୍ୟ ଲକ୍ଷ୍ୟ ବିଷୟରେ ହିଁ ଭୁଲି ଯାଉଛେ । ଆଉ କେତେଦିନ ଆମେ ନିଜକୁ ନିନ୍ଦା ଦେଉଥିବା ?

ଚଳିତ ମାସର ସଂସ୍କରଣ ସହିତ ଓଡ଼ିଆ ଭାଷା ସାହିତ୍ୟ ପାଇଁ ଏକ ଉଜ୍ଜ୍ୱଳ ଭବିଷ୍ୟର କାମନା କରି ନବବର୍ଷର ଶୁଭ ଅଭିନନ୍ଦନ ଜଣାଉଛି । ଆଶା କରୁଛି ପୂର୍ବ ସମସ୍ତ ସଂସ୍କରଣ ପରି ଚଳିତ ସଂସ୍କରଣ ମଧ୍ୟ ଆପଣମାନଙ୍କୁ ଆମୋଦିତ କରିବ ।

ଧନ୍ୟବାଦ

ଡ଼ା ଜ୍ୟୋତି ପ୍ରସାଦ ପଟ୍ଟନାୟକ

Katha o Kabita Group on Facebook

https://www.facebook.com/groups/kathaokabita

Aahwaan Group on Facebook

https://www.facebook.com/groups/aahwaan

Aahwaan Odia Paribar on Facebook

https://www.facebook.com/odiaparibar

ଭାଇ ଭାଇ ବୋଲି କହୁଛ ସତ

ମିଛି ମିଛିକା ମୋ ଧରିଛ ହାତ

ଈର୍ଷ୍ୟାରେ ଜଳୁଛ କାହିଁକି ?

ଭାଇର ଖୁଶିରେ ତୁମେ ସୁଖି ନୁହଁ

ମା'ର ସ୍ନେହରେ ବଡ଼ ଭାଗ ଚାହଁ

ମୁଁ କି ତା ସନ୍ତାନ ନାହିଁ କି ?

ଆସ ସାଥୀହୋଇ ମା' ମାଟି ପାଇଁ

କରିବା ସମସ୍ତେ କାମ

ମୁଁ ଖଟୁଥିବି ଦିନରାତି ଭାଇ

ତୁମେ ପଛେ ନିଅ ନାମ...!!!



# ସାରୁଗଛ ମୂଳେ

ମନୋଜ ଦାସ

"ମେଘ ବରଷଇ ଟୁପୁରୁଟାପୁରୁ କେଶର ମାଇଲା ଗଜା,
ସାରୁଗଛ ମୂଳେ ବେଙ୍ଗଟିଏ ବସି ଆପେ ବୋଲାଉଛି ରଜା !"

ଟୁପୁରୁଟାପୁରୁ ମେଘ ବରଷିଲେ ଖୋଜିଛି ମୁଁ କୁତୂହଳେ
ପୋଖରୀ ତୁଠରେ ବୁଦା ପଡିଆରେ, ସାରୁ ପତରର ତଳେ
ଆପଣାକୁ ଆପେ ବରି ରାଜାରୂପେ ବେଙ୍ଗଟେ ଥିବ ବସି
ସେ ମୂଢତା ପ୍ରତି ବ୍ୟଙ୍ଗ ସୂଚାଇ ଦେବି ଥରେ ଖାଲି ହସି ।

ବେଙ୍ଗ ଖୋଜିବା ବୟସ ବିତିଲା ଭୁଲିଲି ସେ ମଜା ଗୀତ
ବେଙ୍ଗ ବଦଳେ ତେଣିକି ଖୋଜିଲି ଭାଇ ବିରାଦର ମିତ ।

ଦିନ ଚାଲିଗଲା;  ବହୁତ ଡେରି ରେ ଯାହା ମୁଁ ବୁଝିଲି ଶେଷେ,
ଏ ସାରା ଜୀବନ ଭେଟିଛି ମୁଁ ଖାଲି ବେଙ୍ଗ ହିଁ ନାନା ବେଶେ,
ମନ୍ତ୍ରୀ, ହାକିମ, ବିଧାୟକ ହେଉ, ଅବା ନିରିମାଖି ଅତି,
ନିଜ ପରିସର ସାରୁଗଛ ମୂଳେ ବୋଲାଏ ସେ ନରପତି ।
ଏ ଜଗତ ହାୟ ବେଙ୍ଗରେ ଭରା, କାହାକୁ କରିବ ବ୍ୟଙ୍ଗ,
କିଏ ବା ପୃଥୁଳ କିଏ ବା କ୍ଷୁଦ୍ର, ବ୍ୟଙ୍ଗକାର ବି ବେଙ୍ଗ ।

( ଓଡ଼ିଶାର ବରିଷ୍ଠ ସାହିତ୍ୟକାର ଶ୍ରୀ ମନୋଜ ଦାସଙ୍କ ଅନୁମତିକ୍ରମେ ପ୍ରକାଶିତ )



# ଏଣ୍ଟୁଅ

ଉଦୟନ ସୂପକାର

ପ୍ରତି ସାହି ଆଉ ପ୍ରତି ଗଳିରେ ଇଂରାଜୀ ସ୍କୁଲ ଖୋଲିଲା ।
ନିଜ ଭାଷା ପଛେ ଜଣା ନ ଥାଉ ଇଂରାଜୀ ମୋହ ଘାରିଲା ॥
ଶତକଡ଼ା କଣ ବୁଝେନାହିଁ ପିଲା ତାକୁ ଲୋଡ଼ା ପରସେଣ୍ଟ୍ ।
ନନ୍ଦନ କାନନରେ ହାତୀ ଦେଖି କହେ ଏଇଟା ତ ଏଲିଫେଣ୍ଟ୍ ॥
ବାପାଙ୍କୁ ପଚାରେ ବିଦ୍ୟାଳୟୁ ଫେରି ଏଣ୍ଟୁଅ କେମନ୍ତ ଜୀବ ।
ଏଣ୍ଟୁଅ ଇଂରାଜୀ ବାପ ଜାଣେନାହିଁ ଜବାବ ସେ କିସ ଦେବ ॥
ଘଡ଼ି ଘଡ଼ି ଯିଏ ରଙ୍ଗ ବଦଳାଏ ଏଣ୍ଟୁଅ ବୋଲାଏ ସିଏ ।
ପୁଅର ଓଠରେ ଫୁଟିଗଲା ହସ ସବୁ ବୁଝିଗଲା ପ୍ରାୟ ॥
କହିଲା ଜାଣିଲି ଏଣ୍ଟୁଅ କି ଜୀବ ଦେଖୁଛି ନିତି ତା'କୁ ।
ପେପରରେ ଛବି ତା'ର ଛପା ହୁଏ ଟିଭିରେ ଦେଖେ ମୁଁ ତା'କୁ ॥
ବେଳକାଳ ଦେଖି ମତ ବଦଳାଏ କଥା ବଦଳାଏ ସିଏ ।
ବରଷାର ମାଡ଼ ଯେଉଁ ପଟେ ହୁଏ ଛତାକୁ ବୁଲେଇ ଦିଏ ॥
ଏଣ୍ଟୁଅ କିଏ ସେ ବୁଝିଗଲି ଆଉ ବୁଝାଅନା ମୋତେ ।
ଲିଡ଼ର ଯାହାକୁ କୁହନ୍ତି ସଭିଏଁ, ଏଣ୍ଟୁଅଟି ସିଏ ସତେ ॥



# ବିତର୍କିତ କବିତା

ଡ଼ା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ରାମ, ଲକ୍ଷ୍ମଣ ଓ ସୀତା, ହନୁମାନ
ଗଲେ କାହିଁ ସବୁ ଉଭେଇ,
ରାବଣ ରାଇଜେ ରାଜୁତି କରୁଛି
ଜନତାଙ୍କ କଷ୍ଟ ଦବେଇ ॥୧॥

ପାଟିଯେ ଖୋଲିଲା ନ ମିଳିଲା ସିଏ
ବାନ୍ଧି ରଖିଦେଲେ ଲୁଚେଇ,
ଦେଶକୁ ଆଗୁଆ କହି ନିଜେ ହେଲେ
ଜନତାଙ୍କୁ ଦେଲେ ପଛେଇ ॥୨॥

ଅଧିକାରୀ ଆଉ ଅମଲାତନ୍ତ୍ରକୁ
ଦିଅନ୍ତି ଧମକେ ନଚେଇ,
କେହି କେହି ଏବେ ଗାନ୍ଧୀବାଦୀ ହୋଇ
କହନ୍ତି ନ ଯିବା ପଛେଇ ॥୩॥

ଆସ ସବୁ ମିଶି ସରକାରଙ୍କର
କାଟିଦେବା ଆମେ ଚେର,
ବିରାଡ଼ି ବୈଷ୍ଣବ ସାଜିଛନ୍ତି ଯେତେ
ଭଦ୍ରମୁଖା ଖଣ୍ଟ ଚୋର ॥୪॥



# ଆମ ରୋଷେଇ ଘରୁ

ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

## ମହୁନାଡ଼ ଭଜା

**ଆବଶ୍ୟକ ସାମଗ୍ରୀ** - ଭଲ ମହୁନାଡ଼ ମୁଠାଏ, ଚାଉଳ ଚୁନା / ଆରାରୁଟ୍ ପାଉଡ଼ର, ମସଲା ଗୁଣ୍ଡ, ଲଙ୍କା ଗୁଣ୍ଡ, ଲୁଣ, ତେଲ




**ପ୍ରସ୍ତୁତି ପ୍ରଣାଳୀ** - ମହୁ ନାଡ଼ / ପଦ୍ମ ଫୁଲର ଡ଼ଙ୍କକୁ ନେଇ ସଫା କରି ଦିଆଯାଉ । ମନେ ରଖନ୍ତୁ ମହୁ ନାଡ଼କୁ ଭାଙ୍ଗିଲେ ସେ ସହଜରେ ଭାଙ୍ଗି ଯାଉଥିବା ଆବଶ୍ୟକ । ମୋଟା ମହୁ ନାଡ଼ ନେଲେ ବହୁତ ଭଲ । ଏହାକୁ ପତଳା ପତଳା କରି କାଟିଦେଇ ଭଲ ଭାବରେ ଧୋଇଦେବେ । କାରଣ ଏହା ଭିତରେ ପଙ୍କ ରହିଥାଇ ପାରେ । ଟିକେ ଲୁଣ ଓ ହଳଦୀ ଦେଇ ଗୋଟିଏ ଫୁଟା ପର୍ଯ୍ୟନ୍ତ ପାଣିରେ ସିଝାଇ ଦେବେ । ତା ପରେ ତାକୁ ଛାଣି଼ଇ ବାହାର କରିବେ । ସମସ୍ତ ମସଲାକୁ ମିଶାଇ ଦେଇ ସେଥିରେ ମହୁନାଡ଼ ଖଣ୍ଡକୁ ଗୋଳେଇ ଦେଇ ଗରମ ତାୱାରେ ତେଲ ଦେଇ ଭାଜି ଦେବେ । ଏବଂ ଏହାକୁ ଗରମ ଗରମ ପରସିବେ ।



ମହୁନାଡ଼ ଭଜା - ପଦ୍ମ ଫୁଲର ନାଡ଼କୁ ପତଳା ପତଳା କରି କାଟିଦେଇ ସେଥିରେ ଚାଉଳ ବଟା କିମ୍ବା ବେସନ / ଆରାରୁଟ୍ ପାଉଡ଼ର୍ ସହିତ ଲୁଣ, ମରିଚ, ମସଲା ଆଦି ଦେଇ ଭାଜିଲେ ବଢିଆ ଲାଗେ ।

# ନଡ଼ିଆ ଭଜା




ଆବଶ୍ୟକ ସାମଗ୍ରୀ - କୋରା ନଡ଼ିଆ ଦୁଇ କପ୍, ବେସନ ( ୩ ବଡ଼ ଚାମଚ), ଅଦା, ରସୁଣ, ପିଆଜ, କଞ୍ଚା ଲଙ୍କା, ଚିନା ବାଦାମ୍, ଧନିଆପତ୍ର, ଗରମ ମସଲା, ଲୁଣ, ତେଲ

ପ୍ରସ୍ତୁତି ପ୍ରଣାଳୀ - ନଡ଼ିଆ କୋରା ସହିତ, ସମସ୍ତ ସାମଗ୍ରୀ, ଓ ସାନ ସାନ ଆକାରରେ କଟା ଯାଇଥିବା କଞ୍ଚା ଲଙ୍କା, ଅଦା, ରସୁଣ, ପିଆଜ ଆଦିକୁ ମିଶାଇ ଦିଆଯାଉ । ଏବଂ ଏହି ମିଶ୍ରଣ ପାଣିଆ ନ ହୋଇ ଅଳ୍ପ କଠିନ୍ ରହିଲେ ହିଁ ଭଲ । ଏବେ ମିଶ୍ରଣକୁ ହାତରେ ନେଇ ଛୋଟ ଛୋଟ ଗୋଲାକୃତି ଆକାରରେ (ପିଠା ପରି) କରାଯାଉ । ଏବଂ ଗରମ ତାୱା ଉପରେ ତେଲ ଦେଇ ତାକୁ ଭଲ ଭାବରେ ଭଜା ଯାଉ । ଏବଂ ଗରମ୍ ଗରମ ପରସା ଯାଉ ।

# ଆଳୁ ତାୱା ଭଜା

ଆବଶ୍ୟକ ସାମଗ୍ରୀ - ଆଳୁ (୨୫୦ ଗ୍ରାମ୍), ଲଙ୍କା ଗୁଣ୍ଡ, ଧନିଆ ଗୁଣ୍ଡ, ଜୀରା ଗୁଣ୍ଡ, ଗରମ ମସଲା, ତେଲ, ଲୁଣ, ଅଦା ରସୁଣ ବଟା, ହଳଦୀ ଗୁଣ୍ଡ

ପ୍ରସ୍ତୁତି ପ୍ରଣାଳୀ - ଆଳୁ କୁ ପ୍ରେସର କୁକର ରେ ଗୋଟିଏ ହ୍ୱିସିଲ୍ ଆସିବା ଯାଏଁ ଲୁଣ ପକାଇ ସିଝାଇ ନିଜ ପସନ୍ଦ ମୁତାବକ କାଟି ଦିଅନ୍ତୁ । ଧ୍ୟାନ ରଖନ୍ତୁ ଯେପରି ଆଳୁ ଅଧିକ ସିଝିନଯାଏ । ଗୋଟିଏ ପାତ୍ରରେ ସବୁ ମସଲା ଗୁଣ୍ଡ, ୨ ବଡ଼ ଚାମଚ ଅଦା ରସୁଣବଟା ସହ ମିଶାଇ ଦିଆଯାଉ । ସେଥିରେ ୨ ବଡ଼ ଚାମଚ ସୋରିଷ ତେଲ ମିଶାଇ ଦିଆଯାଉ । ଏଥିରେ ଗୋଟିଏ ବଡ଼ ଚାମଚ ଚାଉଳ ଚୁନା କିମ୍ବା ଆରାରୁଟ୍ ପାଉଡ଼ର ମିଶାଇ ଦିଆଯାଉ । ମିଶ୍ରଣଟି ପାଣିଆ ନ ହେବା ଉଚିତ ।  ସେଥିରେ ଆଳୁ ଗୁଡ଼ିକୁ ଭଲ ଭାବରେ

ମିଶାଇ ଗୋଳାଇ ଦିଆଯାଉ । ଗରମ ତାୱାରେ ସୋରିଷ ତେଲ ଦେଇ ଆଳୁ ଗୁଡ଼ିକୁ ଭଲଭାବରେ ଭାଜି ଦିଆଯାଉ । କିମ୍ବା ମାଇକ୍ରୋୱେଭ୍‌ରେ ପାଞ୍ଚ ମିନିଟ ପର୍ଯ୍ୟନ୍ତ ଗ୍ରୀଲ୍ କରିଦେଇ ପାରିବେ । ଏହାକୁ ପଖାଳ ଭାତ ସାଙ୍ଗରେ ଖାଇବାକୁ ଦିଆଯାଇ ପାରେ ।

# ଦହି ବାଇଗଣ

**ଆବଶ୍ୟକ ସାମଗ୍ରୀ** - ଦହି (୨୫୦ ଗ୍ରାମ୍), ବାଇଗଣ (୨୫୦ ଗ୍ରାମ୍), ଛୁଙ୍କ ପାଇଁ ଦୁଇ ସାନ ଚାମଚ ତେଲ, ଶୁଖିଲା ଲଙ୍କା, ପାନ ମହୁରୀ, ଭୃସଙ୍ଗ ପତ୍ର / ଧନିଆ ପତ୍ର, କଞ୍ଚା ଲଙ୍କା (୩ଟା), ସ୍ୱାଦାନୁସାରେ ଲଙ୍କା, ଲୁଣ ଓ ଜୀରା ପାଉଡ଼ର, ବିଟ୍ ଲୁଣ / ଚାଟ ମସଲା, ଚିନି (୧ ଚାମଚ), ଛାଣିବା ପାଇଁ ତେଲ

**ପ୍ରସ୍ତୁତି ପ୍ରଣାଳୀ** - ଦହିକୁ ବହଳା କରିବା ପାଇଁ କପଡ଼ାରେ ଛାଣି ପାଣି ଅଂଶକୁ ବାହାର କରି ଦିଅ । ସେଥିରେ ଚାମଚଟିଏ ଚିନି, ସ୍ୱାଦାନୁସାରେ ଲୁଣ ଓ ଛୋଟ ଖଣ୍ଡ ଅଦା ଓ କଞ୍ଚାଲଙ୍କା ଖଣ୍ଡ ପକାଇଦିଅ । ଏବଂ ଏ ସବୁକୁ ଗ୍ରାଇଣ୍ଡରରେ ଭଲ ଭାବରେ ଗ୍ରାଇଣ୍ଡ କର (ବାଟି ଦିଅ)। ସେଥିରେ ଅଧା ଚାମଚ ଜୀରା ପାଉଡ଼ର, ଚୁନ୍ ଚୁନ୍ କଟାଯାଇଥିବା ଧନିଆପତ୍ର ଗୋଟିଏ ଚାମଚ, ଚାଟ୍ ମସଲା, ବିଟ୍ ଲୁଣ୍, ଲଙ୍କା ଗୁଣ୍ଡ, ଭଲ ଭାବରେ ଘାଣ୍ଟି ଦେଇ ଘୋଡ଼ାଇ ରଖିବ । ବାଇଗଣକୁ ଲମ୍ବା ଲମ୍ବା କାଟିଦେଇ ତତଲା ତେଲରେ ଅଳ୍ପ ବାଦାମୀ ହେବାଯାଏଁ ଛାଣିଦେଇ ପୂର୍ବରୁ ପ୍ରସ୍ତୁତ ଦହି ମିଶ୍ରଣରେ ପକାଇବ । ଏହା ପରେ ତେଲ୍ ଗରମ କରି ପାନ ମହୁରୀ, ଶୁଖିଲା ଲଙ୍କା, ଛୁଙ୍କ ଦେଇ ସେ ଉପରେ ପକାଇବ । ଯଦି ଧନିଆ ପତ୍ର ଦେଇଥିବ ତେବେ ଭୃସଙ୍ଗ ପତ୍ର ଦେବ ନାହିଁ । ଯଦି ଦହି ବହୁତ ଖଟା ଲାଗେ, ତେବେ ସେଥିରେ ଗୋଟିଏ ବଡ଼ ଚାମଚ ଅମୁଲ୍ ଗୁଣ୍ଡ ମିଶାଇ ଦେଇ ଫେଣ୍ଟି ଦେଲେ ଖଟା ଲାଗିବ ନାହିଁ ।



# ଉପଦେଶ କଥା

ଥରେ ଜଣେ ରାଜା ଶୀକାର କରିବାପାଇଁ ଯାଇଥିବା ସମୟରେ ବାର୍‌ହା ମାନଙ୍କ ଆକ୍ରମଣରେ ନିଜର ହାତର ଗୋଟିଏ ଆଙ୍ଗୁଠି ହରାଇଲେ, ସେ ଦୁଃଖ କରି ଭଗବାନଙ୍କୁ ଗାଳି ଦେଉଥିବା ସମୟରେ ତାଙ୍କ ପ୍ରିୟ ମିତ୍ର କହିଲେ, ବନ୍ଧୁ ଭଗବାନ ଯାହା କରନ୍ତି ପ୍ରାଣୀର ମଙ୍ଗଳ ସକାଶେ, ରାଜାଙ୍କୁ ରାଗ ଲାଗିଲା ଏବଂ ସେ ମିତ୍ରକୁ ବନ୍ଦୀ କରିବାପାଇଁ ନିର୍ଦ୍ଦେଶ ଦେଲେ ।

ଅନେକ ଦିନପରେ ପୁଣିଥରେ ରାଜା ଶୀକାର କରିବାପାଇଁ ଜଙ୍ଗଲକୁ ଯାଇଥିବା ସମୟରେ ଜଙ୍ଗଲ ଆଦିବାସୀ ମାନେ ତାଙ୍କୁ ଧରିନେଇ ବଳି ପକାଇବେ ବୋଲି କହିଲେ, ହେଲେ ହାତରେ ଗୋଟିଏ ଆଙ୍ଗୁଠି ନଥିବାରୁ ବଳି ପାଇଁ ଅଯୋଗ୍ୟ ଘୋଷିତ କରି ଛାଡ଼ିଦେଲେ । ରାଜା ମହଲକୁ ଫେରି ବନ୍ଧୁଙ୍କୁ ଜେଲରୁ ମୁକୁଳାଇ କ୍ଷମା ମାଗି କହିଲେ, ମୁଁ ତୁମକୁ ବନ୍ଦୀ କରି ଅପରାଧୀ ହୋଇଛି, ମିତ୍ର ହସିଦେଇ କହିଲେ ଯାହା ହୋଇଛି ଭଲ ହୋଇଛି, ନହେଲେ ମୁଁ ତୁମ ସହ ଶୀକାରକୁ ଯାଇଥାନ୍ତି, ଆଉ ମୋ ଆଙ୍ଗୁଠି ଠିକ ଥିବା ଦେଖି ବଳି ପଡ଼ିଥାନ୍ତି । ତେଣୁ ବନ୍ଧୁଗଣ ଭଗବାନଙ୍କ ଉପରେ ବିଶ୍ୱାସ ରଖନ୍ତୁ, ସେ ଯାହା କରନ୍ତି ସବୁ ପ୍ରାଣୀ ମାନଙ୍କ ମଙ୍ଗଳ ସକାଶେ ହିଁ କରନ୍ତି ।

ଡ଼ା ଜ୍ୟୋତି ପ୍ରସାଦ ପଟ୍ଟନାୟକ



# ପୁରୁଷ ଯଦି ସ୍ତ୍ରୀ ହୁଅନ୍ତେ

ବାଲ୍ମୀକି ନାୟକ

ଏହା ଅସଂଭବ କିନ୍ତୁ ବ୍ୟଙ୍ଗ ଉଦ୍ରେକକାରୀ ପ୍ରଶ୍ନଟିଏ । ଏହି ପ୍ରଶ୍ନ ପଛରେ କିନ୍ତୁ ରହିଛି ଅନେକ ଅକୁହା କଥ ଓ ଅପ୍ରିୟ ସତ୍ୟ । ପ୍ରଶ୍ନଟି ଏଇଠି ସରି ଯାଉନି । ଆଉ ଗୋଟିଏ ପ୍ରଶ୍ନକୁ ଜନ୍ମ ଦେଉଛି - ସ୍ତ୍ରୀମାନେ ସ୍ତ୍ରୀ ହୋଇ ରହିବେ ନା ପୁରୁଷ ହୋଇଯିବେ ? ଯଦି ସ୍ତ୍ରୀମାନେ ସ୍ତ୍ରୀ ହୋଇ ରହିବେ ଏବଂ ପୁରୁଷମାନେ ବି ସ୍ତ୍ରୀ ହୋଇଯିବେ ତେବେ ସଂସାର ଚାଲିବ ନାହିଁ । କଥାଟା ଅସଂଗତ ହେଇ ଯାଉଛି । ଅର୍ଥାତ୍ ଦ୍ୱିତୀୟ କଥାଟି ଠିକ୍ ହେବ - ସ୍ତ୍ରୀମାନେ ବି ପୁରୁଷ ହୋଇଯିବେ । ସ୍ତ୍ରୀ ଓ ପୁରୁଷ ଲିଂଗ ପରିବର୍ତ୍ତନ କରି ଦୁନିଆର କର୍ମକ୍ଷେତ୍ରକୁ ଓହ୍ଲାଇ ଆସିଲେ କାହାର କେଉଁ ଭଳି ଲାଭ ବା କ୍ଷତି ହେବ, ସେଇଟା ହେଉଛି ଉପରୋକ୍ତ ପ୍ରଶ୍ନର ଉଦ୍ଦେଶ୍ୟ । ଯେହେତୁ ଏଇଠି କେବଳ ପୁରୁଷକୁ ନେଇ ପ୍ରଶ୍ନ ଅଛି, ତେଣୁ ଆମେ ସ୍ତ୍ରୀଙ୍କ କଥାକୁ ଉପେକ୍ଷା କରିଦେବା ।

ଦୁନିଆର ଅନ୍ୟାନ୍ୟ ଦେଶର କଥା ଆମେ ବିଚାର କରିବା ନାହିଁ, କେବଳ ଭାରତୀୟ ପୁରୁଷଙ୍କ ପାଇଁ ଆମେ କହି ପାରିବୁ, ବହୁତ୍ ଫାଇଦା ହୁଅନ୍ତା । କେମିତି ହେବ ଶୁଣିବାକୁ ଚାହୁଁଛନ୍ତି ?

(କ) ଭାରତୀୟ ହିନ୍ଦୁ ଧର୍ମଶାସ୍ତ୍ର ଅନୁସାରେ ସ୍ତ୍ରୀକୁ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ସୁରକ୍ଷା ଦେବାର ଦାୟିତ୍ୱରୁ ପୁରୁଷକୁ ମୁକ୍ତି ମିଳି ଯାଆନ୍ତା । କାରଣ ବାପା, ସ୍ୱାମୀ ଓ ପୁତ୍ର ଉପରେ ସ୍ତ୍ରୀ ସବୁବେଳେ ନିର୍ଭରଶୀଳ ରହିବା ଉଚିତ ବୋଲି ଶାସ୍ତ୍ର କହୁଛି ।

(ଖ) ପିତାଙ୍କ ମୃତ୍ୟୁପରେ ମୁଣ୍ଡନଣ୍ଡା କରି ପଣ୍ଡା ମାନଙ୍କ କଥାରେ ଉଠବସ୍ ହେବାର ଦାୟିତ୍ୱରୁ ମୁକ୍ତି ମିଳିଯାଆନ୍ତା । (ଧନ, ମାନ ଓ ସମ୍ମାନ ହାନୀ ସହ୍ୟ କରି)

(ଗ) ପିତୃ ପୁରୁଷଙ୍କ ମୋକ୍ଷ ପ୍ରାପ୍ତି ପାଇଁ ଅସ୍ଥି ବିସର୍ଜନ ପାଇଁ ଧନହାନୀ ପ୍ରାଣପୀଡ଼ା ଭୋଗକରି ଦୂଷିତ ଗଙ୍ଗା ଜଳରେ ବୁଡ଼ ପକାଇବାକୁ ପଡ଼ନ୍ତାନାହିଁ ।

(ଘ) ବାପା, ମାଆ ଓ ଭଉଣୀମାନଙ୍କୁ କେବଳ ପୁଅ ହିଁ ପୋଷିବାର ଲିଖିତ ଓ ଅଲିଖିତ ଦାୟିତ୍ୱରୁ ମୁକ୍ତ ହୋଇ ଯାଆନ୍ତା ।

(ଙ) ଦେଶର ସୁରକ୍ଷାପାଇଁ ପାହାଡ଼, ଜଙ୍ଗଲରେ ଯାଇ ଜୀବନର ବାଜି ଲଗାଇ ଶତୃମାନଙ୍କ ସହ ଲଢ଼େଇ କରିବା ଦାୟିତ୍ୱରୁ ମୁକ୍ତ ହୋଇ ପାରନ୍ତେ ।

(ଚ) କୌଣସି ସ୍ଥାନରେ ନିଆଁ ଲାଗିଲେ ଦମକଳ ସାଙ୍ଗରେ ପୁରୁଷ ମାନଙ୍କୁ ବିପଦ ଭିତରକୁ ଯିବାକୁ ପଡ଼ନ୍ତା ନାହିଁ ।

(ଛ) ଭାରତରେ ସ୍ତ୍ରୀ କର୍ମଚାରୀ ଅପେକ୍ଷା ପୁରୁଷ ମାନଙ୍କୁ ଅଧିକ ଟିକସ୍ ଦେବାକୁ ପଡ଼ନ୍ତା ନାହିଁ ।

(ଜ) ଭାରତୀୟ ଦଣ୍ଡ ସଂହିତା ଅନୁସାରେ ସ୍ତ୍ରୀ ମାନଙ୍କର ମିଥ୍ୟା ଆରୋପ (ଯୌତୁକ ନିର୍ଯ୍ୟାତନା ଓ ଘରୋଇ ହିଂସା) ଯୋଗୁଁ ପୁରୁଷ ମାନଙ୍କୁ ଜେଲ୍ ଯିବାକୁ ପଡ଼ନ୍ତା ନାହିଁ ।

(ଝ) କୌଣସି ମହିଳା କର୍ମଚାରୀ (ଉପରିସ୍ଥ ହେଉ ଅଥବା ତଳପଦସ୍ଥ) ତା ଇଚ୍ଛା ଅନୁସାରେ କାମ ନ କଲେ ଯୌନ ନିର୍ଯ୍ୟାତନା ଭଳି ମିତ୍ୟା କେସରେ ପୁରୁଷ ନିର୍ଯ୍ୟାତନା ଭୋଗ କରିବା ଦୁଃଖରୁ ମୁକ୍ତି ପାଇଯାଆନ୍ତା ।

(ଞ) ସ୍ତ୍ରୀ ମାନଙ୍କ ପାଇଁ ସମସ୍ତ ଦରକାରୀ ଓ ଅଦରକାରୀ ଡ଼ିମାଣ୍ଡ ପୂରଣ କରିବା ପାଇଁ ପୁରୁଷକୁ ଫ୍ରି ଏଟିଏମ୍ ପରି କାମ କରିବାକୁ ପଡ଼ନ୍ତା ନାହିଁ ।

(ଟ) ଆଜିର ତାରିଖରେ ବିବାହିତ ପୁରୁଷଙ୍କ ସଂଖ୍ୟା NCRB (National Crime Record Bureau) ରିପୋର୍ଟ୍ ଅନୁସାରେ ବର୍ଷରେ ୫୦ ହଜାରରୁ ଅଧିକ ଆତ୍ମହତ୍ୟା କରିଥାନ୍ତି । ଏହି ସଂଖ୍ୟା କମ ହୋଇପାରନ୍ତା ।

(ଠ) ଆଜି ପୁରୁଷ ମାନଙ୍କ ନିର୍ଯ୍ୟାତନା ଓ ଶୋଷଣର କାହାଣୀ ଶୁଣିବା ପାଇଁ କୌଣସି ସଂସ୍ଥା ନାହିଁ । ପୁରୁଷ ଯଦି ସ୍ତ୍ରୀ ହୋଇଯାଏ, ତାକୁ ସାହାଯ୍ୟ କରିବା ପାଇଁ ପଡ଼ିଶା ଘର ଠାରୁ ଆରମ୍ଭ କରି, ପୋଲିସ, ମହିଳା ସଂରକ୍ଷଣ ସଂଗଠନ, ଓକିଲ, ଜଜ୍ ସମସ୍ତେ ହମ ହମ ହେବେ ।

(ଡ଼) ପୁରୁଷ ଆଖିରୁ ଲୁହ ଗଡ଼ିବା ଦେଖି ସମସ୍ତେ ତାସ୍ଛଲ୍ୟ କରନ୍ତି, ସେ ସ୍ତ୍ରୀ ହୋଇଗଲେ ସଭିଏଁ ଆହା ଚୁ ଚୁ କରି ଶ୍ୱାନ୍ତନା ଦେବାକୁ ମାଡ଼ି ଆସିବେ ।

(ଢ଼) ପୁରୁଷ କୌଣସି ସ୍ତ୍ରୀଠାରୁ ଯୌନ ସୁଖ ପାଇବାକୁ ଚାହିଁଲେ, ଧନ ଖର୍ଚ୍ଚ କରିବାକୁ ପଡୁଛି । ସେ ସ୍ତ୍ରୀ ହୋଇଗଲେ ଯୌନ ସୁଖ ସହ ଧନ ବି ପ୍ରାପ୍ତ କରି ପାରିବ । ଅର୍ଥାତ୍

ଡ଼ବଲ୍ ମଜା ।

(ଣ) ଶେଷରେ ଶୀତ ତାପ ନିୟନ୍ତ୍ରିତ କକ୍ଷରେ ବସି ଟିଭି ପରଦାରେ ଶାଶୁ ବୋହୁଙ୍କ କଳି ଆଧାରିତ ଧାରାବାହିକ ଦେଖିବା ସୌଭାଗ୍ୟ ପାଇବ । ବାହାରେ ଯାଇ ଖରା, ବର୍ଷା, ଶୀତରେ ଧନ ଅର୍ଜନ କରିବାପାଇଁ ଖଟିବାକୁ ପଡ଼ିବ ନାହିଁ ।

ଉପରୋକ୍ତ ସମସ୍ତ ଫାଇଦା ସହ କେତେକ କ୍ଷତି ବି ସହ୍ୟ କରିବାକୁ ପଡ଼ିବ । ସେ ଗୁଡ଼ିକ କିନ୍ତୁ ବଖାଣି ବସିଲେ ମଜା ରହିବ ନାହିଁ । ସବୁଠାରୁ ପ୍ରଥମ ଓ ବିଶେଷ କ୍ଷତିହେବ ଯାହା ହେଲା ସେଇଟି ପୁରୁଷ ନିଜର 'ସ୍ୱାମୀତ୍ୱ' ହରାଇ ବସିବ, ଯାହା ସେ କସ୍ମିନ୍ କାଳେ ଚାହିଁବ ନାହିଁ । ଧନୀ ହେଉବା ଗରୀବ ହେଉ, ଭୋଗୀ ହେଉ ବା ଯୋଗୀ ହେଉ, ମନ୍ତ୍ରୀ ହେଉ ବା ସନ୍ତ୍ରୀ ହେଉ, ସମସ୍ତ ପୁରୁଷ 'ସ୍ୱାମୀତ୍ୱ'ର ଅର୍ଥ ଓ ମହତ୍ତ୍ୱ ବୁଝିଥାନ୍ତି । ଏଣିକି ପାଠକେ ବିଚାର କରନ୍ତୁ ସେମାନେ ପୁରୁଷ ହୋଇ ରହିବାକୁ ଚାହିଁବେ ନା ସ୍ତ୍ରୀ ହୋଇଯିବେ ।



# ପୁନଶ୍ଚ ପ୍ରତିମା

କରୁଣାକର ପାଢଶାଣୀ

ପ୍ରତିମା !
ତୁମେ ନୁହଁ ଆଜି ଉଦାସୀ ମନର ଉଆଁସୀ କନ୍ୟା
ସଚ୍ଚିବାବୁଙ୍କର ମାନସୀ ଅନନ୍ୟା,
ଆଖିର ଆକାଶେ ତୁମ ଚଇତି ଚନ୍ଦ୍ରମା
ଛୁଆଁରେ ଛୁଆଁରେ ପ୍ରୀତି ଫଗୁଣ ଜମା,
ମୋହନ ବଂଶୀର ସୁରରେ ସୁରରେ ତୁମେ
ମୁକୁଳିତ କଦମ୍ବ ଫୁଲର ବାସ୍ନା ।
ତୁମେ ଠିକଣା ଜୀବନ ଚିଠିର
ଆତ୍ମାରେ ତୁମ ଅନ୍ୱେଷା ଅକ୍ଷର,
ଓଠରୁ ଝରୁଛି ନୀଡ଼ ଫେରିବାର ଗୀତି
ତୁମେ ତାଳ ବାହୁଙ୍ଗାର ବାଇଆ ଚଢ଼େଇ ପକ୍ଷୀ ॥
ପ୍ରତିମା !
ତୁମେ କାହିଁ ହେବ ଜାପାନୀ କାଗଜୀ ?
ତୁମେ ତ ବୋଉ ପସନ୍ଦର ବାଡ଼ିର ସ୍ୱର୍ଣ୍ଣ ଚମ୍ପା,
ଦୁଃଖ ଋତୁର ହଳଦୀବସନ୍ତ
ପ୍ରେମିକା ପାଦ ନାଲି ଅଳତା ।
ତୁମେ ଜୀବନର ଚଉରା ମୂଳରେ
ସାଂଧ୍ୟ ମଙ୍ଗଳ ଆଳତି,
ଶିଢ଼ିର ନିଖୁଣ କାରିଗର ନୁହଁ
ଦେହରେ ମନରେ ପିଢ଼ିରେ ଅମୃତ ଶିଳ୍ପୀ ।
ମୁହଁ ଗୋଟା ତୁମ ଗାଁ ପୋଖରୀର
ପଦୁଅଁ ଫୁଲର ବଣ
ତୁମେ ଅଭିସାରିକା ଜୀବନର ॥
ପ୍ରତିମା !
ତୁମେ ନୁହଁ ପଥର ଦେଉଳର: ହୃଦୟ ବେଦୀର
ତୁମେ ଛଳ ଛଳ ଲୁହର ଧାର: ଭଲ ପାଇବାର ।
ତୁମେ ସପନର ସତ ସ୍ୱର୍ଗ, ମଳୟ ମନ୍ତରା ସ୍ପର୍ଶ
ମନର ଅଦେଖା ଛୁଆଁ, ରକ୍ତରେ ଗୋଲାପୀ ନାଆଁ ।
ମମତାର ବର୍ଣ୍ଣବୋଧ, ଗୁରୁବାର ମାଣବସା ଚିତା
ପ୍ରାର୍ଥନାର ଶ୍ରେଷ୍ଠ ପଂକ୍ତି, ମରୁମାଳେ ସବୁଜ କବିତା ॥



# ଚିଡ଼ିଆଖାନା

ଡ଼ଃ କୁଳାଙ୍ଗାର

ପୁଅ ଜିଦ୍ କଲା ଯିବ ବୋଲି
ଚିଡ଼ିଆଖାନା;
ଆଦୌ ବୁଝିଲାନି – ବାପା ଯେତେ
ଡ଼ରେଇଲେ, ବୁଝେଇଲେ କି'
ସେଠି ବହୁତ ଅଳିଆ ଅସନା ।

ବହୁ ଜିଦ୍ ପରେ ପୁଅକୁ ସାଥୀରେ ନେଇ
ବାପା ବାହାରିଲେ
ପୁଅକୁ ପଶୁପକ୍ଷୀ ଦେଖେଇବା ପାଇଁ ।

ପୁଅକୁ ନେଇ ପ୍ରଥମେ ପହଞ୍ଚିଲେ
ଗୋଟେ ସୁଟିଂ ସେଟ୍‌ରେ ।
ହିରୋଇନୀକୁ ଦେଖେଇ କହିଲେ
ଦେଖ ବଣ ମଣିଷ;
ଏବେ ବି ଚିରି ପକଉଚି ପିନ୍ଧିଲା –
ଜିନିଷ ।

ପୁଅ କହିଲା – ଦେଖିବି ହାତୀ ।
ଗୋଟେ ସର୍କାରୀ ଅଫିସକୁ ନେଇ
ଦେଖେଇଦେଲେ ଯୋଉଠି
ମୂଖ୍ୟ ଅଧିକାରୀ ବସିଛନ୍ତି;
ଆଉ କହିଲେ ସେ' ଧଳା ହାତୀ
ଆଉ ଆରେଷ୍ଟ ପରେ କଳା ହୋଇଯା'ନ୍ତି ।

ପୁଅ କହିଲା ଦେଖିବି ବାଘ,

ବାପା ତାକୁ ଗୋଟେ ପୁଲିସି ଦେଖେଇ
କହିଲେ ଦେଖେ ରଙ୍ଗ ଅଛି,
ଉଡ଼ିଯାଇଚି ଦାଗ;
ମଣିଷ ମାଂସ ତାକୁ ଭାରି ଟେଷ୍ଟି
ଡ଼ରନ୍ତି ତାକୁ ଛାଗ ।

ପୁଅ କହିଲା- ଦେଖିବି ଘୋଡ଼ା
ଜଣେ ନେତାଙ୍କୁ ଦେଖେଇ ବାପା
କହିଲେ - ହେଇଟି ହେଇଚି ଛିଡ଼ା ।
ପୁଅ ପଚାରିଲା ଆଉ ଗଧ ?
ବାପା କହିଲେ - ଯେ' ଦର୍କାର ବେଳେ
ଘୋଡ଼ା ହୁଏ;
ଆଉ ଅନ୍ୟ ସମୟରେ ଗଧ ପରି ଶୁଏ ।

ପୁଅ କହିଲା ଦେଖିବି - ଓଟ,
ବାପା ଗୋଟେ ସାମ୍ବାଦିକକୁ ଠାରି
କହିଲେ ହେଇଟି ଉଠଉଚି ଫୋଟୋ ।
ୟା'ଙ୍କ ବେକ ଲମ୍ବା
ତେଣୁ ସବୁ କଥା ଦିଶେନି;
ଆଉ ସବୁ ଟେଷ୍ଟରେ ପଶେନି ।

ପୁଅ କହିଲା - ଦେଖିବି ଭାଲୁ,
ଗୋଟେ ଡ଼ାକ୍ତରଙ୍କୁ ଦେଖେଇ ବାପା
କହିଲେ ୟା'ଙ୍କ ପାଲରେ ପଡ଼ିଲେ ମଲୁ ।

ପୁଅ କହିଲା - ବହୁତ ଦେଖିଲି
ଆଉ ଖାଲି ବଡ଼ ମୂଷା ଦେଖନ୍ତି;
ବାପା କହିଲେ - ମୋତେ ଟିକେ
ଭଲ କରି ଚାହଁ-
ଏଇମିତି ଦିଶନ୍ତି....



# ପାନ୍ଥଶାଳା

ଡ଼ା ମୀନକେତନ ପଟ୍ଟନାୟକ

ସେମାନଙ୍କୁ କେବେ କହି ତ ନଥିଲି
ତୁମେ ମୋ ଜୀବନେ ଆସୁଛି ବୋଲି,
ଜାଣେନା ସେମାନେ ଜାଣିଲେ କିପରି
ତୁମେ ତାଙ୍କୁ କହି ଦେଇଥିଲ କି ?

ସବୁଠି ଚାଲିଛି ପ୍ରସ୍ତୁତିର ପର୍ବ
ତୁମକୁ ସ୍ୱାଗତ କରିବା ପାଇଁ,
ମୋତେ ଏଠି କେହି ପଚାରୁ ନାହାନ୍ତି
ସେଥିପାଇଁ ଟିକେ ଈର୍ଷ୍ୟା ବି ନାହିଁ ।

ପାନ୍ଥଶାଳାରେ ତ ଭିଡ଼ ଜମିଲାଣି
କୃଷ୍ଣଚୂଡ଼ା ରଙ୍ଗ ରଙ୍ଗିଆ ହେଲାଣି,
ମୃଦୁମଳୟର କୋମଳ ପରଶ
ତୁମ ଆଗମନ ବାରତା ଦେଲାଣି ।

ଅଛି ଆଉ ମାତ୍ର କେତୋଟି ମୁହୂର୍ତ୍ତ
ତେଣୁ ଅପେକ୍ଷାର ଆନନ୍ଦ ନିଅ,
ସେମାନଙ୍କୁ ଭଲଭାବରେ ଟିକିଏ
ପ୍ରସ୍ତୁତ ହେବାକୁ ସମୟ ଦିଅ ।



# ମୋ ଉତ୍କଳ

ସ୍ୱାଇଁ ରମେଶ ଚନ୍ଦ୍ର

ଭଲ ଲାଗେ ମୋ ଉତ୍କଳ ଭୂମି
ତାର ଖିଲି ଖିଲି ହସ, ମନ ଲୋଭା ବେଶ ଆଉ...
କୀର୍ତ୍ତିର ତୁଳନା ନାହିଁ...
ଭଲ ଲାଗେ ମୋ ଉତ୍କଳ ଭୂମି...

ମନ୍ଦିର ମାଳିନୀ ସ୍ୱଦେଶ ମୋର
କଳା କାରୂକାର୍ଯ୍ୟ ଯାହାର ଖ୍ୟାତି,
ଚୀର ସବୁଜ ପଣତ ଯାହାର
ଚୀର ସୁନ୍ଦର ତୃପ୍ତି...

ପ୍ରେମରେ ବାନ୍ଧେ ମୋ ଉତ୍କଳ ମା'ଟି,
କଳା ଓ ସଂସ୍କୃତି ଯାହାର ହାର,
ସେଇ ମୋ ଜନ୍ମ ଭୂମି ମା ଉତ୍କଳ,
ଚୀର ସବୁଜ ଶୋଭାଟି ତାର...

ଜନ୍ମିଛନ୍ତି ଏଠି କେତେ ଯେ ବୀର,
ଜନ୍ମିଛନ୍ତି ପୁଣି କେତେ ସବୁ କଳାକାର,
ଲେଖିଯାଇଛନ୍ତି କୋଣାରକର କାନ୍ଥେ
ମୋ ଉତ୍କଳର ପୂର୍ବ ଗୌରବ ଗୀତି...



# ଜଗତୀକରଣ : ଆମେରିକା ବ୍ୟୁହରେ ଭାରତ

ଅଧ୍ୟାପକ ଦେବେନ୍ଦ୍ର କୁମାର ପାଣିଗ୍ରାହୀ

ବ୍ରିଟିଶ୍ ସାମ୍ରାଜ୍ୟବାଦ ଦୀର୍ଘ ଦୁଇ ଶତାବ୍ଦୀ ଧରି ଆମ ଉପରେ ଆଧିପତ୍ୟ ବିସ୍ତାର କରିଥିଲା। ବର୍ତ୍ତମାନ ଯୁକ୍ତରାଷ୍ଟ୍ର ଆମେରିକା ଭଳି ବିକଶିତ ରାଷ୍ଟ୍ରମାନେ ଆନ୍ତର୍ଜାତିକ ମୁଦ୍ରାପାଣ୍ଠି (ଆଇ.ଏମ୍.ଏଫ୍)କୁ ଅଧିକ ପୁଞ୍ଜି ଯୋଗାଉଛନ୍ତି ଏବଂ ଏହା ଫଳରେ ଆଇ.ଏମ.ଏଫ୍. ଉପରେ ଏହି ରାଷ୍ଟ୍ରମାନଙ୍କର କର୍ତ୍ତୃତ୍ୱ ସୁଦୃଢ଼ ହେଉଛି। 'ଯୋର୍ ଯାର, ମୂଲକ ତାର'। ତେଣୁ ତୃତୀୟ ବିଶ୍ୱର ରାଷ୍ଟ୍ରଗୁଡ଼ିକ ବିଶ୍ୱବ୍ୟାଙ୍କ ଓ ଆଇ.ଏମ.ଏଫ୍.ରେ ଛୋଟ ଓ ଦୁର୍ବଳ ଅଂଶୀଦାର। ବିଶ୍ୱବ୍ୟାଙ୍କ ଓ ଆଇ.ଏମ.ଏଫ୍.ରେ କିଛି ଦେଶଙ୍କର ଆଧିପତ୍ୟ ଓ କିଛି ଦେଶଙ୍କର ଦୁର୍ବଳ ଉପସ୍ଥିତି ଗଣତାନ୍ତ୍ରିକ ନୀତିର ସଂପୂର୍ଣ୍ଣ ବିରୋଧୀ। ସେ ଯାହା ହେଉନା କାହିଁକି ପ୍ରତିଯୋଗିତା ଏବଂ ଜାତୀୟ ଅର୍ଥନୀତିକୁ ବିଶ୍ୱ ଅର୍ଥନୀତି ସହ ସଂଲଗ୍ନ କରିବା ନାଁରେ ପ୍ରୟୋଜିତ ଜଗତିକରଣରେ ସବୁ ଦେଶ ସମାନ ଭାଗିଦାରୀ ନୁହନ୍ତି। ଏହି ପରିପ୍ରେକ୍ଷୀରେ ୧୯୮୦ ମସିହା ମେ ମାସରେ ତାଞ୍ଜାନିଆର ରାଷ୍ଟ୍ରପତି ଜୁଲିୟସ୍ ନାୟର୍ ଏରେ, ଆଇ.ଏମ୍.ଏଫ୍. ସଂପର୍କରେ କହିଥିବା କଥାଟି ଗୁରୁତ୍ୱପୂର୍ଣ୍ଣ, 'ମୁଁ ଜାଣେନି ଏପରି କୌଣସି ବ୍ୟକ୍ତି ଅଛନ୍ତି କି ନାହିଁ ଯିଏକି ଦୃଢ଼ତାର ସହ ବିଶ୍ୱାସ କରନ୍ତି ଯେ ଆଇ.ଏମ.ଏଫ୍. ରାଜନୈତିକ ଓ ଆଦର୍ଶଗତ ଭାବେ ନିରପେକ୍ଷ। ଅନ୍ୟ ରାଷ୍ଟ୍ରମାନଙ୍କର କୌଣସି ନୀତି ନିୟମକୁ ଏହା ଅର୍ଥନୈତିକ ଓ ସାମାଜିକ ବିକାଶର ନିଜସ୍ୱ କୌଶଳକୁ ଉକ୍ତ ରାଷ୍ଟ୍ରମାନଙ୍କ ଉପରେ ଲଦି ଦେବାକୁ ଚାହେଁ। ଏବଂ ଆମେ ଯେତେବେଳେ ଆଇ.ଏମ.ଏଫ୍.ର ସର୍ତ୍ତ ଗୁଡ଼ିକୁ ପ୍ରତ୍ୟାଖ୍ୟାନ କରୁ ସେତେବେଳେ ଧମକ ଦେଇ କୁହାଯାଏ ଯେ ଆମ ସର୍ତ୍ତ ନ ମାନିଲେ ତୁମେ ଆମ ଧନ ପାଇବନି କି ଅନ୍ୟ କାହାଠାରୁ ଧନ ଦିଆଯିବ ନାହିଁ।'

ଏହା କହିବାର କୌଣସି ଆବଶ୍ୟକତା ନାହିଁ ଯେ, ବ୍ରିଟିଶ୍ ଆମ ଶ୍ରମକୁ ଶୋଷଣ କଲେ ଏବଂ ଆମ ଦେଶର ବିଭିନ୍ନ ମୂଲ୍ୟବାନ ସଂପଦ, ଖଣିଜଦ୍ରବ୍ୟ ଯଥା କୋଇଲା, ବକ୍ସାଇଟ୍, ଲୁହା, ସୁନା, ଇସ୍ପାତ ଇତ୍ୟାଦିକୁ ଲୁଟ୍ କରି ନେଇଗଲେ। ସ୍ୱାଧୀନୋତ୍ତର ଭାରତବର୍ଷର ସମ୍ବିଧାନର ୧୪୭ ଧାରା ଅନୁଯାୟୀ ଶ୍ରମକୁ ସମ୍ବିଧାନର ମିଳିତ ତାଲିକାରେ ରଖାଯାଇଥିଲା। ୧୯୯୧ ମସିହାରେ ଭାରତ ବର୍ଷରେ ବିଧିବଦ୍ଧ ଭାବେ ନୂଆ ଅର୍ଥନୈତିକ ବ୍ୟବସ୍ଥା (N.E.P.) ଆରମ୍ଭ ହେଲା। ଉଦାରୀକରଣ, ଘରୋଇକରଣ ଓ ଜଗତିକରଣ

(L.P.G.) ବ୍ୟବସ୍ଥା ମଧ୍ୟଦେଇ ଏହି ଅର୍ଥନୈତିକ ବ୍ୟବସ୍ଥା ଉଭା ହୋଇଥିଲା । ଏହି ବ୍ୟବସ୍ଥା ଓକିଲାତି କରେ ଯେ ସାମାଜିକ କ୍ଷେତ୍ରରେ ସରକାରର ଭୂମିକା ବଦଳିବା ଦରକାର । ସେ ଯାହା ହେଉ ଏଲ.ପି.ଜି ଆମ ଦେଶର ଅବସ୍ଥା, ବ୍ୟବସ୍ଥା, ସଂସ୍କୃତି ବା ଅର୍ଥନୀତି ମଧ୍ୟରେ ମୁଣ୍ଡ ଟେକି ନାହିଁ । ବରଂ ଏହା ପଶ୍ଚିମ ଗୋଲାର୍ଦ୍ଧର ଦେଶମାନଙ୍କର ଆଦର୍ଶ, ବିଜ୍ଞାନ, ପ୍ରଯୁକ୍ତି ଓ ଅର୍ଥନୀତିକୁ ଆମ ଉପରେ ଲଦି ଦେବାର ସଦୃଶ ହୋଇଛି । ୧୯୯୧ ମସିହାରେ ନୂଆ ଅର୍ଥନୈତିକ ବ୍ୟବସ୍ଥାକୁ ଗ୍ରହଣ କରିବାର ବହୁ ପୂର୍ବରୁ ଏଲ.ପି.ଜି.ର ଆବିର୍ଭାବ ହୋଇଛି । ଜଗତିକରଣ ବ୍ୟବସ୍ଥା ବର୍ତ୍ତମାନର ନୁହଁ । ମୁଦ୍ରା ଅର୍ଥନୀତିର ବହୁପୂର୍ବରୁ ଆମ ଦେଶ ବିଶ୍ୱର ଅନ୍ୟାନ୍ୟ ଦେଶ ସହ ବିନିମୟର ଅର୍ଥନୀତି ଚଳାଇ ରଖିଥିଲା । ଭାରତବର୍ଷରେ ଜଗତିକରଣ ବହୁ ପୁରୁଣା କାଳରୁ ଆରମ୍ଭ ହୋଇଥିଲା । ଚୋଳ୍ ସାମ୍ରାଜ୍ୟ, ମୌର୍ଯ୍ୟ ସାମ୍ରାଜ୍ୟ, ଉତ୍କଳ କଳିଙ୍ଗ ସାମ୍ରାଜ୍ୟ ଆଦି ବିଶ୍ୱର ଅନ୍ୟାନ୍ୟ ରାଷ୍ଟ୍ର ଯଥା ଆୟାର୍‌ଲାଣ୍ଡ, ଅଷ୍ଟ୍ରିଆ, ଜାଭା, ସୁମାତ୍ରା, ଶ୍ରୀଲଙ୍କା ଆଦି ସହିତ ବେପାର ବାଣିଜ୍ୟ ଚାଲିଥିଲା । ସେହି ସମୟରେ ଆମେ ଆମ ଅର୍ଥନୀତିକୁ ଖୋଲା କରିଥିଲେ ।

ବିକଶିତ ବିଦେଶୀ ରାଷ୍ଟ୍ର ଗୁଡ଼ିକ ବିକାଶଶୀଳ ଦେଶମାନଙ୍କର ଶସ୍ତା ଶ୍ରମଶକ୍ତିକୁ ବ୍ୟବହାର କରି ନିଜର ପ୍ରଦୂଷଣଯୁକ୍ତ ଶିଳ୍ପାନୁଷ୍ଠାନ ମାନ ପ୍ରତିଷ୍ଠା କରୁଛନ୍ତି ଓ ଉତ୍ପାଦିତ ଦ୍ରବ୍ୟକୁ ଚଢ଼ା ଦରରେ ନିଜ ଦେଶର ବଜାର ମାନଙ୍କରେ ବିକ୍ରି କରୁଛନ୍ତି । ସେମାନେ ନିଜର ଉନ୍ନତ ବିଜ୍ଞାନ ଓ କୌଶଳକୁ ବ୍ୟବହାର କରି ଉନ୍ନତମାନର ଦ୍ରବ୍ୟ ଉତ୍ପାଦନ କରୁଛନ୍ତି ଓ ବଜାର ଅର୍ଥନୀତିର ପ୍ରତିଯୋଗିତାରେ ଆଗରେ ରହିଛନ୍ତି । ଆମେ ବିଦେଶୀ ଦ୍ରବ୍ୟକୁ ଉଚ୍ଚା ଦାମ, ନିର୍ଦ୍ଦିଷ୍ଟ ଶୁଳ୍କ ଦେଇ ଆମଦାନୀ କରୁଛୁ । ଅପରପକ୍ଷରେ ଆମେ ଆମର ଦ୍ରବ୍ୟଗୁଡ଼ିକୁ ଅତି କମ୍ ଶସ୍ତା ଦାମରେ ରପ୍ତାନି କରୁଛି । ଆମେ ଆମର ମୁଖ୍ୟ ଦ୍ରବ୍ୟ ଯଥା କୃଷିଜାତ ସାମଗ୍ରୀ, କଫି, ଚାହା, ଫଳ, ପନିପରିବା, ବିଭିନ୍ନ ମଞ୍ଜି, ଲୁହାପଥର, ମାଙ୍ଗାନିଜ୍, ବକ୍ସାଇଟ୍, ଇସ୍ପାତ୍ ଓ ଅନ୍ୟାନ୍ୟ ଖଣିଜଦ୍ରବ୍ୟ ଏବଂ ଭିତ୍ତିଭୂମି ବିକାଶର ସାମଗ୍ରୀ, ଲୁଗା, ହସ୍ତତନ୍ତ, ତୁଳା ଖୋଟ, ଚମଡ଼ା, ଗହଣା ଇତ୍ୟାଦି ଶସ୍ତା ଦରରେ ରପ୍ତାନି କରୁଛୁ । ଆମ ରପ୍ତାନି ଉପରେ ମଧ୍ୟ କଟକଣା ରହିଛି । ଅନ୍ୟପକ୍ଷରେ ଆମେ କୃଷି କାର୍ଯ୍ୟରେ ବ୍ୟବହୃତ ଯନ୍ତ୍ରପାତି (ଚୀନ୍), କଞ୍ଚା ରବର (ମାଲେସିଆ), ଫାଇବର୍ ସିନ୍ଥେଟିକ୍ ଓ ସଂଶୋଧିତ ଫାଇବର, ପେଟ୍ରୋଲିୟମ୍ ଓ ଲୁବ୍ରିକାଣ୍ଟ୍ (ମଧ୍ୟପ୍ରାଚ୍ୟ ଦେଶ), ସାର ଓ ରସାୟନିକ ଦ୍ରବ୍ୟ (ବିକଶିତ ରାଷ୍ଟ୍ର), ଇଲେକ୍ଟ୍ରୋନିକ୍

ମେସିନ୍, ପରିବହନ ଓ ଯାତାୟାତ ଯାନବାହାନ (ଜାପାନ) ରୁ ଚଢ଼ା ଦାମରେ ଆମଦାନି କରୁଛୁ । ଆମର ପାରମ୍ପରିକ ଲୁଗା, ଖଦି ଏବଂ କ୍ଷୁଦ୍ର ଶିଳ୍ପଜାତ ଦ୍ରବ୍ୟ ଭାରତୀୟ ଟେଲିଭିଜନ ଇତ୍ୟାଦି ଆଜି ବିଶ୍ୱର ବଜାରରେ ଅବ୍ୟବହୃତ ପ୍ରାୟ । ଆମ ଜାତୀୟ ଅର୍ଥନୀତି ଅସମ ବିଶ୍ୱ ଅର୍ଥନୀତି ସମ୍ମୁଖରେ ମୁଣ୍ଡ ତଳକୁ କରିବା ଉଚିତ ନୁହେଁ । ବର୍ତ୍ତମାନ ଏକ ଅସମାନ ବିଶ୍ୱ ଅର୍ଥନୀତି ମୁଣ୍ଡ ଟେକିଛି । ଆମ ଦେଶରେ ଜମି, ଶ୍ରମଶକ୍ତି ଓ ପୁଞ୍ଜିର ଅସମ ବଣ୍ଟନ ହୋଇଛି । ଦେଶରେ ଲାଭର ଘରୋଇକରଣ (ଏଚ.ପି.ସି.ଏଲ ଓ ବି.ପି.ସି.ଏଲ.) ଓ କ୍ଷତିର ଜାତୀୟ କରଣ (ଡ଼ି.ଟି.ସି. ଓ ଏସ.ଇ.ବି.) ଚାଲିଛି । ପୁଞ୍ଜିବାଦୀ ବ୍ୟବସ୍ଥାରେ, ଅର୍ଥନୀତି ବଜାରର ଘରୋଇକରଣ ଉପରେ ନିର୍ଭର କରେ । ଘରୋଇ କମ୍ପାନୀଗୁଡ଼ିକ କେବଳ ମାତ୍ର ଲାଭ ଚାହାନ୍ତି । ଶ୍ରମିକଙ୍କ ସହ ଯେପରି ତାଙ୍କର କୌଣସି ସଂପର୍କ ନାହିଁ । ଏହା କେବଳ ମାତ୍ର ନିଛକ ବ୍ୟବସାୟ । ବେପାରୀ ଯେପରି କିଛି ଦ୍ରବ୍ୟକୁ କମ ଦାମରେ କିଣି ଅଧିକ ଦାମରେ ବିକେ, ସେହିପରି ଘରୋଇ କମ୍ପାନୀମାନେ କରିଥାନ୍ତି । ଅର୍ଥନୀତି କମ ମୂଲ୍ୟରେ ଉତ୍ପାଦନ କରି ସର୍ବାଧିକ ମୁନାଫା ହାସଲ କରିବାକୁ ଚାହେଁ ।

ଏହି ଆଲୋଚନାର ପରିପ୍ରେକ୍ଷୀରେ ଜଣେ ଲକ୍ଷ୍ୟ କରି ପାରିବ ଯେ ବିଶ୍ୱ ଅର୍ଥନୀତି (ବଜାର ଅର୍ଥନୀତି ଓ ଯୋଜନା ଭିତ୍ତିକ ଅର୍ଥନୀତି) କୌଣସି ଏକ ସର୍ତ୍ତ ମଧ୍ୟ ଦେଇ ଉଭା ହୋଇଛି । ବଜାର ଅର୍ଥନୀତି ପ୍ରତିଯୋଗୀତାକୁ ମାପକାଠି କଲାବେଳେ ଯୋଜନା ଭିତ୍ତିକ ଅର୍ଥନୀତି ସ୍ୱଚ୍ଛତାକୁ ମାପକାଠି କରିଛି । ପୂର୍ବଟି କମ ସଂଖ୍ୟକ ବିକଶିତ ରାଷ୍ଟ୍ର ଗୁଡ଼ିକର ନୀତି ହୋଇଥିବା ବେଳେ ଶେଷଟି ବହୁ ସଂଖ୍ୟକ ବିକାଶଶୀଳ ରାଷ୍ଟ୍ରକୁ ନିର୍ଦ୍ଦେଶ କରୁଛି । ବର୍ତ୍ତମାନ ବଜାର ଅର୍ଥନୀତିର ପ୍ରବର୍ତ୍ତକମାନେ ଆମ ଅର୍ଥନୀତି, ନୀତି ଆଦର୍ଶ ଓ ସଂସ୍କୃତି ଉପରେ ପୁରାପୁରି କବ୍ଜା କରି ଦେଇଛନ୍ତି । ପୂର୍ବରୁ ବ୍ରିଟିଶ୍ ଆମକୁ ଶାସନ କରୁଥିଲେ, ସେତେବେଳେ କୁହାଯାଉଥିଲା ବ୍ରିଟିଶର ଭାରତ । ବର୍ତ୍ତମାନ ଏହା ଯୁକ୍ତରାଷ୍ଟ୍ର ଆମେରିକାର ଭାରତକୁ ଗ୍ରାସ କରି ସାରିଲାଣି । ଯେତେବେଳେ ନେଲସନ୍ ମାଣ୍ଡେଲା (ଦକ୍ଷିଣ ଆଫ୍ରିକାର ପ୍ରଥମ ରାଷ୍ଟ୍ରପତି) ସ୍ୱର୍ଗତ ଜୁଲିୟସ୍ ନାୟର୍ ଏରେ (ତାଞ୍ଜାନିଆର ପୂର୍ବତନ ରାଷ୍ଟ୍ରପତି) ଏବଂ ୱିଲ୍ ବ୍ରାଣ୍ଡ୍ଟ (ପଶ୍ଚିମ ଜର୍ମାନୀର ଜଣେ ପୂର୍ବତନ ଚାନ୍‌ସେଲର୍) ଦକ୍ଷିଣ ରିପୋର୍ଟରେ କହିଲେ ଯେ, 'ଜଗତିକରଣ ବିକାଶଶୀଳ ଦେଶମାନଙ୍କ ପାଇଁ କ୍ଷତିକାରକ', ଆମେରିକା କହିଲା, 'ଆମେ ତୁମକୁ ଟଙ୍କା ଦେବୁ ନାହିଁ' ।



# MODERN ନାରଦ

ଚନ୍ଦ୍ରଶେଖର ବିଶ୍ୱାଳ

ସ୍ୱର୍ଗର ଦେବସଭା ମଧ୍ୟକୁ ମହାମୁନି ନାରଦ ପ୍ରବେଶ କରୁଥାନ୍ତି । ନାରଦ ମହାଶୟ ଧୋତି, ଲୁଗା ପରିବର୍ତ୍ତେ ପରିଧାନ କରିଛନ୍ତି Pan America ର ପ୍ୟାଣ୍ଟ୍ ଆଉ Raymond କମ୍ପାନୀର ସାର୍ଟ୍ । କାନ୍ଧରେ ତାଙ୍କର ଅଛି Intel core i-7 Laptop, କଠଉ ବଦଳରେ ପିନ୍ଧିଛନ୍ତି Nike କମ୍ପାନୀର ଜୋତା । ହାତରେ ଧରିଛନ୍ତି Apple କମ୍ପାନୀର ନିକଟରେ ପ୍ରସ୍ତୁତ Apple i-4 i-Phone, ହାତରେ ପିନ୍ଧିଛନ୍ତି ବହୁଦାମୀ ବିଦେଶୀ କମ୍ପାନୀର ଘଣ୍ଟା, ଆଉ ଆଖିରେ Ray Ban ର ଚଷମା । ସମୁଦାୟ ଭାବରେ ଦେଖିବାକୁ ଗଲେ କୌଣସି Hollywood Film Hero ଭଳି ଦେଖାଯାଉଛନ୍ତି ।

ନାରଦ ମୁନିଙ୍କର ଏପରି ବେଶପରିପାଟି ଦେଖି ପୁରା ସ୍ୱର୍ଗପୁର ଆଚମ୍ବିତ । ସମସ୍ତ ଦେବଗଣ ନାରଦଙ୍କୁ କହୁଛନ୍ତି - 'ଦେବର୍ଷି ନାରଦ, ତୁମର କଣ ମତିଭ୍ରମ ହୋଇଛି କି ? ଏ କି ବେଶ ପଡ଼ିଛ ?'

ନାରଦ ସାମାନ୍ୟ ହସଟିଏ ହସିଦେଇ କହିଲେ, 'ମୋର ନୁହେଁ ଆପଣ ମାନଙ୍କର ହୋଇଛି । ମର୍ତ୍ତ୍ୟପୁର କାହିଁ କେତେଦୂର Advance ହେଲାଣି ଆଉ ଆପଣମାନେ ସବୁ ପଛରେ ପଡ଼ିଗଲେଣି । ବର୍ତ୍ତମାନ ସମୟ ଆସିଛି ଆପଣ ମାନେ ମଧ୍ୟ ମୋ ଭଳି Advance ହେବାକୁ ଚେଷ୍ଟା କରନ୍ତୁ ।'

ବ୍ରହ୍ମାଙ୍କ ଆଡ଼କୁ ମୁହଁ ବୁଲାଇ ନାରଦ କହୁଛନ୍ତି, 'Hey dad, whatcha doin ?' ବ୍ରହ୍ମାଦେବ କଣ କହିବେ କିଛି ବୁଝି ପାରୁନାହାନ୍ତି । ମନେ ମନେ ଭାବୁଛନ୍ତି, 'ଇୟେ କୋଉ ପ୍ରକାରର ସଂସ୍କୃତ ?' ନାରଦ ହସି ଦେଇ କହିଲେ, 'ଜାଣିଛି ଆପଣ ବୁଝିପାରିବେନି । ଆପଣ ସଂସ୍କୃତରେ ପଣ୍ଡିତ ହେଲେ ଇୟେ ହେଉଛି ମର୍ତ୍ତ୍ୟପୁରର ସଂସ୍କୃତ । ଖାଣ୍ଟି ଇଂରାଜୀ । ଯେଉଁ ମଣିଷମାନଙ୍କ ଆପଣ ତୁଚ୍ଛ ମଣୁଛନ୍ତି ସେମାନଙ୍କ ପରିଶ୍ରମର ଫଳ ଏଇଟା । ଆପଣ ବିଳିବିଳେଇଲେ ବେଦ ବୋଲି ଯାହା କୁହାଯାଉଥିଲା ଏବେ ତାର ଆବଶ୍ୟକତା ଆଉ ନାହିଁ । ଏବେ ମଣିଷ ନାହିଁ ଯନ୍ତ୍ରମାନେ ବି ବେଦ ଲେଖୁଛନ୍ତି । C, C++, Java, Linux, ASP ଏପରି କେତେ କେତେ ବେଦ

ଲେଖିଲେଣି । ଆପଣଙ୍କ ପାଣ୍ଡିତ୍ୟ ବର୍ତ୍ତମାନ ତୁଚ୍ଛ । ମର୍ତ୍ତ୍ୟପୁରର ଭାରତ ଦେଶର ପୂର୍ବରେ ଥିବା ଓଡ଼ିଶାର ରାଜଧାନୀ ଭୁବନେଶ୍ୱରରେ ଥିବା ବାଣୀବିହାର ବିଶ୍ୱବିଦ୍ୟାଳୟର ସାମାନ୍ୟ ଛାତ୍ରମାନେ ବି ଆପଣଙ୍କଠାରୁ ଅଧିକ ଜ୍ଞାନୀ ହେଲେଣି । ତେଣୁ ଏବେ ବେଦ ଅଧ୍ୟୟନ ଛାଡ଼ି Computer Science ଉପରେ research କରିବା ଆରମ୍ଭ କରନ୍ତୁ । ନହେଲେ ଆପଣଙ୍କ କଥା ଆଉ କେହି ବୁଝିବେ ନାହିଁ ।

ନାରଦଙ୍କ ବାତୁଳାମୀ ଦେଖି ବୈକୁଣ୍ଠପୁରର ସ୍ୱାମୀ ନାରାୟଣ ପୁରା ରାଗିଗଲେ । ସେ କିଛି କହିବାକୁ ଉଦ୍ୟତ ହୁଅନ୍ତେ, ନାରଦ କହିଲେ, Hey, Chill bro ! Coooool. ନାରାୟଣ କଣ କହିବେ କିଛି ଭାବି ପାରିଲେ ନାହିଁ, ନିରବ ହେଇଗଲେ । ନାରଦ କହିଲେ, ମୋ କଥା ମାନ, ଯୁଗ ବଦଳିଲାଣି ତୁମେ ଏ ବୃଦ୍ଧ ଗରୁଡ଼କୁ Retire କରିଦିଅ ଆଉ ଗୋଟେ ନୁଆ Helicopter ନିଅ । ଲକ୍ଷ୍ମୀଙ୍କୁ ଏଠି ରଖି ରଖି ବୁଢ଼ୀ କରିଦେବ, ମର୍ତ୍ତ୍ୟଭୂମିରେ ମୁମ୍ବାଇ ସହରକୁ ଯାଇ ବୁଲି ଆସ, ସେଠି ଲକ୍ଷ୍ମୀବି କରିସ୍ମା, କରିନା ଆଉ କାଟ୍ରିନାଙ୍କ ସାନ୍ନିଧ୍ୟପାଇ ଟିକେ smart ହେଇଯିବେ । ଆପଣ ତ ସବୁବେଳେ ଗୋପୀମାନଙ୍କ ପଛରେ ବାଇଆ, ହେଲେ ଏବେ ଯେଉଁ ସବୁ ଗୋପୀ ଅଛନ୍ତି ସେମାନେ ଆପଣଙ୍କୁ ବାଇଆ କରିଦେବେ, ତେଣୁ ଟିକେ smart and Dude ହେଇଯାଆନ୍ତୁ । ନାରାୟଣଙ୍କ ପାଟି ଚୁପ୍ ।

କୈଳାଶପତି ଶିବ ସେମିତିରେ ବି ନିରବ, ସେ କିଛି କହନ୍ତି ନାହିଁ, ହେଲେ ଆଜି ନାରଦ କହିବାକୁ ବାହାରିଛନ୍ତି ଯେତେବେଳେ ସେ ବା ଶିବଙ୍କୁ ଛାଡ଼ନ୍ତେ କିପରି । କହିଲେ, Hey Dude. Whatcha Doin ? ଶିବ କିଛି କିଛି ବୁଝିଲା ପରେ ମୁରୁକି ହସା ଦେଇ ମୁଣ୍ଡ ହଲାନ୍ତେ ନାରଦ କହିଲେ, 'ସବୁ ବୁଝିଗଲା ପରି ଲାଗୁଛି ନା ? ମର୍ତ୍ତ୍ୟକୁ ଯାଅ, ତୁମକୁ ପୋଲିସ ବାନ୍ଧିନନେଲେ ମତେ କହିବ । ଯୋଉ ବାଘଛାଲ ସବୁ ପିନ୍ଧୁଛ ସେଇଥି ପାଇଁ ବାଘ ସଂଖ୍ୟା କମ ହେଲାଣି ବୋଲି ସରକାର୍ ବାଘ ମାରିବା ମନା କଲେଣି । ତେଣୁ ସେ ଛାଲ ଛାଡ଼ ଗୋଟେ Killer Jeans ପିନ୍ଧ । ଦେହରେ କେବେ ତ ବସ୍ତ୍ର ରଖୁନ, ହେଲେ ଏବେ ନୁଆ ନୁଆ ସବୁ t-shirt ଦେଖି ଆସିଛି ମର୍ତ୍ତ୍ୟରେ ଗୋଟେ ଦି'ଟା ଆଣି ପିନ୍ଧ ଦେଖିବ ପୁରା Hero ହେଇଯିବ । ଗଞ୍ଜେଇ ବେପାର ଉପରେ ସରକାରୀ ପ୍ରତିବନ୍ଧ ଲାଗୁହେଲାଣି, ତେଣୁ Foreign Liquor ବ୍ୟବହାର କରିବା ଶିଖ । ଦିନରାତି ନିଜେ ତ ତପସ୍ୟାରେ ବସୁଛ, ପାର୍ବତୀଙ୍କୁ କିଛି ବିରାମ ଦିଅ, ନହେଲେ ଗଣେଶ ଆଉ କାର୍ତ୍ତିକେୟ

ମୂର୍ଖ ହେଇଯିବେ । ଖାଲି ବେଦ ଉପନିଷଦ ପଢ଼ିଲେ ହେବନି, ତାଙ୍କୁ Computer Science ପଢ଼ାଅ । ବହୁତ୍ Demand ଅଛି ।

ଯମରାଜଙ୍କୁ ଦେଖି ନାରଦ ହସିଦେଇ କହିଲେ, 'କେତେ ଦିନ ଆଉ ସେ ବୁଢ଼ା ଚିତ୍ରଗୁପ୍ତକୁ ନେଇ କାମ ଚଳେଇବ ? ଏବେ ଟାଇମ୍ ଠିକ୍ ଅଛି, ଗୋଟେ IBM Server କିଣି ଆଣ । ସବୁ ଜନ୍ମମୃତ୍ୟୁର Database  ସେଥିରେ ରଖିବ । ଦେଖିବ କାମ ବି ଶୀଘ୍ର ହେବ ଆଉ ସବୁ କିଛି automatic ବି ହେଇ ପାରିବ ।

ବିଶ୍ୱକର୍ମାଙ୍କୁ ଦେଖି ନାରଦ କହିଲେ, Dude, I think you need to do some refresher course in CAD. ବିଶ୍ୱକର୍ମା କାଲା ଆଗରେ ମୁଳା ଚୋବାଇଲା ପରି ନିରବ ରହିଲେ, ନାରଦ କହିଲେ, ତୁମେ ଯେଉଁ ସବୁ building କରୁଚ ସେ ସବୁକୁ ଏବେ Computer ରେ ସହଜରେ କରିହେଉଛି, ତେଣୁ ଯାଅ ମର୍ତ୍ତ୍ୟପୁର ଆଉ ଗୋଟେ ଛୋଟ ମୋଟ କୋର୍ସ୍ କରି ସେ ସବୁ ଶିଖିଆସ । ଦେଖିବ ଆଗାମୀ ଦିନରେ ସୁନାମୀ ଆଉ ଭୂକମ୍ପ ବି ସେ ସବୁ Buildingକୁ କିଛି କରିପାରିବେ ନାହିଁ ।

ଇନ୍ଦ୍ରଙ୍କୁ ଦେଖି ହସିଲେ ହେଲେ କିଛି କହିଲେ ନାହିଁ । ଇନ୍ଦ୍ର ଚମକି ପଡ଼ିଲେ ମନେ ମନେ ଭାବିଲେ ମୋର ପୁଣି କଣ ଦରକାର କଂପ୍ୟୁଟର, ମୋତେ ଦେଖି କାହିଁକି ହସୁଛି ଏ ନିର୍ବୋଧ ? ନାରଦ କହିଲେ, Dude, ମୁଁ ଭାବୁଛି ଏବେ ମେନକା ଆଉ ଉର୍ବଶୀ ଆଦିଙ୍କୁ Retirement ଦେବା ସମୟ ଆସିଗଲା । ଇନ୍ଦ୍ରକହିଲେ, ତା ହେଲେ ମୋ ସଭାରେ ନାଚିବ କିଏ ? ଦେବଗଣଙ୍କୁ ଆମୋଦିତ କରିବ କିଏ ? ନାରଦ କହିଲେ, ମୁନ୍ନୀ ଆଉ ଶୀଲା । ଆଉ ଶାକୀରା, ମାଡ଼ୋନା ଆଉ କ୍ୟାଟ୍ରିନା । ଏମାନେ ଏବେ ମର୍ତ୍ତ୍ୟପୁରୀର ମେନକା ସାଜି ପୃଥିବୀ କମ୍ପଉଛନ୍ତି । ସେମାନଙ୍କଠୁ କିଛି ଶିଖିବା ପାଇଁ ଏମାନଙ୍କୁ ପଠାନ୍ତୁ ।

ଦେବଗଣ ଅନେକ ସମୟ ଧରି ନାରଦଙ୍କ ବାତୁଳାମୀ ଦେଖି ଚିଡ଼ି ଉଠିଲେ, ସମସ୍ତେ ପିତାମହ ବ୍ରହ୍ମାଙ୍କୁ ଚାହିଁଲେ, ବ୍ରହ୍ମା ବହୁ ଚିନ୍ତା କରି କହିଲେ, 'ମୋତେ ଲାଗୁଛି, ନାରଦଙ୍କୁ ମର୍ତ୍ତ୍ୟପୁରୀର କୌଣସି ଭୟଙ୍କର ଜୀବାଣୁ ଆକ୍ରମଣ କରିଛି । ତେଣୁ ସେ ଆଉ ଦେବର୍ଷି କହିବା ତୁଲ୍ୟ ନାହାନ୍ତି, ତାଙ୍କୁ ତୁରନ୍ତ ଦେବର୍ଷି ପଦବୀରୁ ବିତାଡ଼ିତ କରିବା ।' ସମସ୍ତେ ବାଃ ବାଃ କହୁଥିବା ବେଳେ ନାରଦ ତାଚ୍ଛଲ୍ୟ କରି ହସି କହିଲେ, ମୋତେ ବାହାର୍ କରିବା ଦରକାର ନାହିଁ, ମୁଁ ନିଜେ ମୋ ଇସ୍ତଫାପତ୍ର ନେଇ ଆସିଛି । ବାଣୀବିହାର କ୍ୟାମ୍ପସରେ ଡ଼ିଟିପି କରେଇ ଆଣିଚି ଏ Resignation letter. ନିଅନ୍ତୁ । ମୋତେ ଏଠି

ରହିବା ଦର୍କାର୍ ହିଁ ନାହିଁ । ନା mobile ନା internet କଣ ଅଛି ଏଠି ? Long drive ରେ ଯିବାପାଇଁ ନା highway ଅଛି ନା ବୁଲିବା ପାଇଁ ପାର୍କ୍ । ମର୍ତ୍ତ୍ୟପୁରରେ ସବୁ ଅଛି । ପାଦେ ପାଦେ ସାଇବର୍ କ୍ୟାଫେ, ପାର୍କ୍ ଆଉ... ସେ ସବୁ କଥା ଜାଣିବା ଶୁଣିବା ଲୋକ ହିଁ ଜାଣି ପାରିବେ । ଛାଡ଼ ମୁଁ କାହିଁକି ତୁମ ମାନଙ୍କ ଆଗରେ ମିଛଟାରେ ବକ ବକ ହେବି । ମୁଁ ଯାଏଁ ମୋର ସେଣେ ଆଜି ଗୋଟେ ଝିଅକୁ ନେଇ Date ରେ ଯିବାକୁ ଅଛି ।

ଦେବର୍ଷି ଆଉ ଝିଅ ? ସବୁ ଦେବତା ନିରବ । କେହି ଜଣେ ପଛରୁ କହିଲା, 'ମୁଁ ବି ନାରଦଭାଇଙ୍କ ସାଙ୍ଗରେ ପୃଥିବୀ ବୁଲିଯିବି । ଦେଖୁ ଦେଖୁ କୋଳାହଳ ବଢ଼ିବାକୁ ଲାଗିଲା । ବ୍ରହ୍ମା କୋର୍ଟରେ ବସିଥିବା ନିରୁପାୟ ଜର୍ଜ୍ଙ୍କ ପରି Order Order ବୋଲି କହୁଥିଲେ, ନାରଦ ହସି ହସି କହୁଥିଲେ, ଯିଏ ଯିଏ ମୋ ସହ ଯିବ ସେମାନେ ମୋ ୱେବ୍ ସାଇଟରେ Friend request ଦିଅ । ତା'ପରେ ଦେଖିବା କଣ ହେଉଛି । ନାରଦ facebook Facebook କହି ବାହାରି ଚାଲିଯାଉଥିଲେ, ପଛରେ ଦେବ ସଭାରେ କୋଳାହଳ ବଢ଼ିବାକୁ ଲାଗିଥିଲା ।



# ମୋ ଭ୍ରମଣ କାହାଣୀ-୩

ପ୍ରଶାନ୍ତ କୁମାର ଭୂୟାଁ

ବୁଲୁ ! ଭଉଣୀକୁ ଛାଡ଼ିବାକୁ ଜଣେ ବମ୍ବେ ଯିବନି କି ?

ହଠାତ୍ ଏ ପ୍ରଶ୍ନଟି ଶୁଣି ମୁଢ଼ି-ମିକ୍ସଚର୍ ତାଟିଆରୁ ମୁହଁ ଉଠାଇ ଦେଖିଲି ଯେ ମୋର ବନ୍ଧୁ ନୀଲୁଙ୍କ ମାଆ, ସେଇ ମମତା ବୋଳା ହସ ହସ ମୁହଁରେ ମୋ ପଛରେ ଠିଆ ହୋଇଛନ୍ତି ।

କଣ ଉତ୍ତର ଦେବି ବୁଝିପାରୁନଥିଲି । ବମ୍ବେ ଯିବାକୁ ଇଚ୍ଛା ତ ଥିଲା, ହେଲେ ମନରେ ଉତ୍ତୁଙ୍ଗ ଲହରୀମାଳ ଭଳି ଅନେକ ପ୍ରଶ୍ନ ।

ତଥାପି, ମା'ଙ୍କୁ ଉତ୍ତର ଦେଲି : ଠିକ୍ ଅଛି ମା, ମୁଁ ଦିନେ ଦୁଇ ଦିନରେ କହିବି । ମା କହିଲେ, ସେ କଥା ମୁଁ ଜାଣେନି, ତୁମ ଭଉଣୀ... ଏଣୁ ସେ କେମିତି ଯିବ ସେ କଥା ତୁମେ ବୁଝ ! ହେଲା... କହି, ସେ ହସିଦେଇ ଚାଲିଗଲେ । ନୀଲୁଙ୍କୁ ପଚାରିଲି, 'କଥା କଣ ? ବିଷଦ ଭାବରେ ବୁଝାଅ ।'

କଥାଟି ଏହିପରି ଥିଲା ମୋ ସାଙ୍ଗ ନୀଲୁଙ୍କର ଭଉଣୀଙ୍କର ସେତେବେଳେ ବିବାହ ସଂପୂର୍ଣ୍ଣ ହୋଇ ସାରିଥାଏ । ସ୍ୱାମୀ ତାଙ୍କର ବମ୍ବେସ୍ଥିତ 'ପବନ ହଂସ' ହେଲିକପ୍ଟର ଲିମିଟେଡ଼ରେ ଇଞ୍ଜିନିୟର ଥାଆନ୍ତି । ଏହି କମ୍ପାନୀ ୧୯୮୫ ମସିହାରେ ପ୍ରତିଷ୍ଠିତ ହୋଇଥିଲା । ଭାରତ ସରକାରଙ୍କ ୫୧% ଏବଂ ତେଲ କମ୍ପାନୀ ମାନଙ୍କର ୪୯% ଅର୍ଥ ବିନିଯୋଗରେ ଏହି କମ୍ପାନୀ ଆଜିର ଏକ ଅଗ୍ରଗଣ୍ୟ ଅନୁଷ୍ଠାନ ।

ପ୍ରଥମଥର ପାଇଁ ମୋ ବନ୍ଧୁଙ୍କ ଭଉଣୀ ସ୍ୱାମୀଙ୍କ ସହ ସାଙ୍ଗହୋଇ ବମ୍ବେ ଯିବାର କଥା ଥିଲା । ଏଣୁ, ମୋ ବନ୍ଧୁ ଓ ମୁଁ ତାକୁ ସାଙ୍ଗରେ ଧରିଯିବା କଥା ହେଲା । ମୋ ବମ୍ବେ ଭ୍ରମଣର ଏକ ବାହାନା । ଓଡ଼ିଶାର ସଂସ୍କୃତି ମନେ ମନେ ଭାସି ବୁଲୁଥିଲା । ସତେ ଯେପରି ସୁଭଦ୍ରାକୁ ଧରି ଜଗାବଳିଆ ବାହାରିବେ ଏକ ସୁଦୂର ରାଇଜକୁ ଭ୍ରମଣ କରିବାକୁ...

ପୂର୍ବ ନିର୍ଦ୍ଧାରିତ ସମୟ ଅନୁସାରେ ମୁଁ, ନୀଲୁ, ନୀଲୁଙ୍କ ଭଉଣୀ ଓ ଭିଣୋଇ ମିଶି ବ୍ରହ୍ମପୁର ଷ୍ଟେସନରେ 'କୋଣାର୍କ ଏକ୍ସପ୍ରେସ୍'କୁ ଅପେକ୍ଷା କରିଥିଲୁ । ଠିକ୍ ସମୟରେ ରେଳଗାଡ଼ି ପ୍ଲାଟଫର୍ମରେ ପହଞ୍ଚିଲା । ସବୁ ସାମାନପତ୍ର ଧରି ଗାଡ଼ିରେ ଚଢ଼ିଲୁ ସମସ୍ତେ ।

କଳାଧୂଆଁର ଏକ ବହଳ ଆସ୍ତରଣ ଛାଡ଼ି ଏବଂ ଗୁରୁଗମ୍ଭୀର ହର୍ଣ୍ଣ ବଜାଇ ରେଳ ଗାଡ଼ି ବଢ଼ିଚାଲିଲା, ଆମ ସମସ୍ତଙ୍କୁ ନେଇ 'ଆମ୍‌ଚି ମୁମ୍ବାଇ'।

କେତେବେଳେ ଏହି ସ୍ୱପ୍ନର ସହରର ଦର୍ଶନ ହେବ ଭାବି ସତରେ ଗାଡ଼ିରେ ଶୋଇପାରିନଥିଲି। ପରିଶେଷରେ ଏକ ଶାଗୁଆ ସକାଳରେ ପହଞ୍ଚିଲୁ ବମ୍ବେରେ। ବ୍ରହ୍ମପୁରଠାରୁ ବମ୍ବେ ପହଞ୍ଚିବା ଭିତରେ ଆମ୍ଭେ ୩୨ଟି ଷ୍ଟେସନରେ ଅଟକିଥିଲୁ। ୨୭୧ଟି ଷ୍ଟେସନ ପାର କରିଥିଲୁ ଏବଂ ଶେଷରେ ପହଞ୍ଚିଥିଲୁ ଡ଼କ୍ଟର ଦାଦାଭାଇ ନାରୋଜୀ ରୋଡ଼ରେ ଥିବା ମୁମ୍ବାଇ ସେଣ୍ଟ୍ରାଲ୍ ଷ୍ଟେସନର ୧୪ ନଂ ପ୍ଲାଟ୍‌ଫର୍ମରେ କିନ୍ତୁ ୫ ଘଣ୍ଟା ବିଳମ୍ବରେ। ବିଳମ୍ବତା ନିହାତି ସ୍ୱାଭାବିକ ଥିଲା, ନ ହେଲେ ଭାରତୀୟ ରେଳର ପରମ୍ପରା ଉପରେ ଆଞ୍ଚ ଆସିଥାନ୍ତା ବୋଧହୁଏ।

ବିଶାଖାପାଟଣା ଓ ବିଜୟୱାଡ଼ା ଜଙ୍କସନ୍‌ରେ ଗାଡ଼ିର ଇଞ୍ଜିନକୁ ଆଗପଛ କରାଯାଇଥିଲା। ଗାଡ଼ିରେ ପରଶାଯାଇଥିବା ଖାଦ୍ୟ ସୁସ୍ୱାଦୁକର ଥିଲା ମଧ୍ୟ। ଏବେ ଚାଲନ୍ତୁ 'ବମ୍ବେ'ରେ ପହଞ୍ଚିଗଲେଣି... ଆଉ ବା ରେଳ ଗାଡ଼ି କଥା କଣ ପାଇଁ...? 'ବମ୍ବେ ସେଣ୍ଟ୍ରାଲ୍ ଷ୍ଟେସନ'ରୁ ଆମକୁ ଭୟାଦର ଯିବାକୁ ଥିଲା ଏଣୁ ମୋର ବନ୍ଧୁଙ୍କ ଜ୍ୱାଇଁ ଟାକ୍ସି ଭଡ଼ା କରିବାକୁ ବାହାରିଲେ। ହଠାତ୍ ଭୀଡ଼ ଭିତରୁ କେହି ଜଣେ ଆସି ଆମର ଦୁଇଟା ଆଟାଚି ଧରି ଧାଇଁବାକୁ ଆରମ୍ଭ କଲା। ମୁଁ ତା ହାତକୁ ଧରି ପକାଇ ପାଟି କରିବାକୁ ଯାଉଥିଲି...

ସେ କହିଲା... ଡ଼ରନେ କା ନହିଁରେ ବାବା... ଦେଖି... କହି ତା'ର ହାତରେ ଥିବା ବେଜ୍ ଓ ନମ୍ବର ଦେଖାଇଲା। ସେ ଗୋଟିଏ ଟାକ୍ସି ଡ୍ରାଇଭର ଥିଲା ଏବଂ ତା'ସାଙ୍ଗରେ ଭଡ଼ା ପଇସା ଛିଡ଼ାଛିଡ଼ି ହେଲାପରେ ଆମେ ବାହାରିଲୁ ଘର ଆଡ଼କୁ। ୫୪.୫ କିମିର ଯାତ୍ରା ସରିଲା ଏବଂ ଆମର ଟାକ୍ସି ପହଞ୍ଚିଲା ୧୫ ମହଲା ଗୋଟିଏ ଆପାର୍ଟ୍‌ମେଣ୍ଟ୍ ଆଗରେ। ଡ୍ରାଇଭରକୁ ୨୭୫ ଟଙ୍କା ଦିଆଗଲା। ଏଠାକାର ଡ୍ରାଇଭର ମାନେ ବୋଧେ ଭଲ ଏଣୁ ସେ ଆମକୁ ଆମର ସାମାନକୁ ୬ ମହଲା ଉପରକୁ ନେବାରେ ସାହାଯ୍ୟ କଲା। ଓଃ ! ଘରେ ପହଞ୍ଚି ଗୋଡ଼ ଲମ୍ବାଇ ସମସ୍ତେ ବସି ପଡ଼ିଲୁ... ଦୀର୍ଘ ନିଃଶ୍ୱାସ ମାରି ଦେଇ...

## ଭୟାଦର

ମୀରା ଭୟାଦର ନାମରେ ଜଣାଶୁଣା ଏହି ସହରତଳି ଅଞ୍ଚଳ ବମ୍ବେର ଉତ୍ତର ଭାଗରେ ଅବସ୍ଥିତ । ଏହି ମ୍ୟୁନିସିପାଲିଟି ସହରଟି ପୁରୁଣା କାଳରେ ମେସୋପୋଟାମିଆ, ଇଜିପ୍ଟ ଏବଂ ରୋମ୍ ସାଙ୍ଗରେ ବାଣିଜ୍ୟ କାରବାର କରୁଥିଲା । ଏହି ସହର ଭାରତୀୟ ସ୍ୱାଧୀନତା ସଂଗ୍ରାମ ସମୟରେ ଲବଣ ସତ୍ୟାଗ୍ରହରେ ମଧ୍ୟ ଭାଗ ନେଇଥିଲା । ଥାନେ ଜିଲ୍ଲାର ଏହା ଏକ ମୁଖ୍ୟ ସହର ଅଟେ ।

ରାତିରେ ଖାଇବାପରେ କଥା ଆରମ୍ଭ ହେଲା ବୁଲାବୁଲି କରିବା ବିଷୟରେ । ଭିଣୋଇବାବୁ ଆମକୁ ଅନେକ ଜାଗାର ନାମ, ରେଳଗାଡ଼ି ନମ୍ବର ଓ ବସ ବିଷୟରେ ବୁଝାଇଲେ । କଥା ହେଲା- ସକାଳେ ସେ ଅଫିସ ପାଇଁ ୭ଟାରେ ବାହାରିବେ ଏବଂ ଆମେ ୯ଟାରେ ବୁଲି ବାହାରିଲୁ । ସକାଳ ହେଲା, ନିତ୍ୟକର୍ମ ସାରି ନୂଆଁ ପେଣ୍ଟସାର୍ଟ୍ ବାହାରକରି ବରଯାତ୍ରୀଙ୍କ ଭଳି ଫିଟ୍ ଫାଟ୍ ହୋଇ ୯ଟାରେ ବାହାରି ପଡ଼ିଲୁ ବମ୍ବେ ଭ୍ରମଣରେ । ଆମର ଘର ଥିବା ସାହିରୁ ୪୦୦ ମିଟର ଚାଲିଲା ପରେ ଷ୍ଟେସନଥିଲା । ସେଠି ପହଞ୍ଚି ଦେଖିଲୁ ଭିଡ଼ । କଥା କଣ ? ଦେଖିଲୁ ଯେ ଜଣଙ୍କର ମଲାଦେହଟା ଦୁଇଗଡ଼ି ହୋଇ ପଡ଼ିଛି । ବୁଝିବାରୁ ଜଣାପଡ଼ିଲା ଚାଲୁଥିବା ଟ୍ରେନରେ ଚଢ଼ିବାକୁ ଚେଷ୍ଟା କରି ସେ ନିଜ ପିନ୍ଧାପୋଷାକରେ ଛନ୍ଦି ହୋଇ ଟ୍ରେନ୍ ଲାଇନରେ ପଡ଼ିଯାଇଥିଲା । ଏଣୁ ଜାଗ୍ରତ ହୋଇ ଚଢ଼ା ଓହ୍ଲା କରିବା ପାଇଁ ମନେ ମନେ ଶପଥ ନେଲୁ । 'ଆପେ ବଞ୍ଚିଥିଲେ ବାପର ନାଁ' । ଆମ ସହର ହୋଇଥିଲେ ସେହି ମଢ଼ ପାଖରେ ୪-୫ ଘଣ୍ଟା ଯାଏଁ ଭିଡ଼ ଲାଗି ରହିଥାନ୍ତା । କିନ୍ତୁ ବଡ଼ ସହର ପାଇଁ ଏହା ଏକ ମାମୁଲି କଥା । ୫ ମିନିଟ୍ ପରେ ସେହି ମଢ଼ପାଖରେ ପାଓଭାଜି ଷ୍ଟଲ୍‌ର ବ୍ୟାପାର ଚାଲିଥିଲା ଏବଂ ଚଣାବାଲା, ଫୁଲ ବିକାଳୀ ସବୁ ଆରାମରେ ଚଲାବୁଲା କରୁଥିଲେ । ପାଖ ମ୍ୟାଗାଜିନ୍ ଷ୍ଟଲରୁ Wisdom ପତ୍ରିକାଟିଏ କିଣିବା ବେଳେ ଦୋକାନୀକୁ ପଚାରିଲି:

:କଣ ହେବ ଏ ମଢ଼ର ? କେହିତ ଧ୍ୟାନ ଦେଉନାହାନ୍ତି ? ସେ ଆରାମରେ ହାଇ ମାରି କହିଲା : 'ଛୋଡ଼ୋନା ସାବ୍... ହମାରା କ୍ୟା ଯାତା ହୈ, ଯୋ ଗୟା ସୋ ଗୟା...'

ଅବ୍ ପୋଲିସ୍ ଆଏଗା.. ଔର୍ ୟେ ଉନ୍‌କା ସରଦର୍ଦ୍ଦ ହେ... ସତକଥା 'ଚକୁଳୀ ଖାଇବା ଲୋକର ଛିଦ୍ର ଗଣିବା କଣ ଦରକାର ? ଯିଏ ମଲା ପୋକମାଛି ଭଳି... ଏ ସହରର ଦରଦ ବା କାହିଁକି ରହିବ ?... ଗୁଣ୍ଠୁଣୀ ହାତୀ ଭଳି

ଲୋକାଲ୍ ଟ୍ରେନ୍ ଷ୍ଟେସନରେ ଲାଗିଲା, ସେଥିରେ ବସି ଆମେ 'ଗେଟ୍ ୱେ ଅଫ୍ ଇଣ୍ଡିଆ' ଦେଖିବାକୁ ଚାଲିଲୁ ।

## ମୁମ୍ବାଇ...

ପ୍ରଥମେ 'ବମ୍ବେ' ନାମରେ ଖ୍ୟାତ ଏହି ନଗରୀକୁ ଆଜିକାଲି ଆମେ 'ମୁମ୍ବାଇ' ବୋଲି ଜାଣୁଛୁଁ । ମହାରାଷ୍ଟ୍ରର ରାଜଧାନୀ । 'ମୁମ୍ବାଇ' ହେଉଛି ଭାରତର ମନୋରଞ୍ଜନ ସ୍ୱପ୍ନନଗରୀ ଏବଂ ଏକ ପ୍ରଧାନ ବାଣିଜ୍ୟ କେନ୍ଦ୍ର । ଭାରତର ଏକ ପ୍ରଧାନ ଜନବହୁଳ୍ ଏବଂ ପୃଥିବୀର ୪ର୍ଥ ଜନବହୁଳ ନଗରୀ । ୨୦୦୯ରେ ଏହି ସହରକୁ ଆନ୍ତର୍ଜାତୀୟ ସ୍ତରରେ 'Alpha World City' ବୋଲି ଜଣାଯାଏ । କହିବାକୁ ଗଲେ ମୁମ୍ବାଇ ହେଉଛି ଧନ, ଜନ, ମନର ନଗରୀ... ଏଠି ଗୋଟିଏ ରାତିରେ ସ୍ୱପ୍ନର ଦୁର୍ଗ ଗଢ଼ିହୁଏ ଏବଂ ଭାଙ୍ଗି ବି ଯାଏ । ଅନେକ ଯୁବକ ଯୁବତୀ ଏଠାକୁ ଆଜି ବି ପାଗଳ ପ୍ରାୟ ଫିଲ୍ମ୍ ଷ୍ଟାର୍ ହେବା ଆଶାରେ ଆସନ୍ତି । ଭାରତବର୍ଷର ୭୦% ଅର୍ଥନୈତିକ ଦିଆନିଆ କାରବାର ଏଠାରେ ହୁଏ । ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ, ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ୍, ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜ୍ ଏବଂ ସେବିର ମୁଖ୍ୟ ଅଫିସ ଏହିଠାରେ ଗଢ଼ା ହୋଇଛି । ବାର୍କ୍(BARC), ଏନ୍‌ପିସିଏଲ୍(NPCL), ଆଇଆର୍‌ଇଏଲ୍(IREL), ଟିଆଇଏଫ୍‌ଆର୍ (TIFR), ଏଇଆର୍‌ବି(AERB), ଏଇସିଆଇ(AECI) ଏବଂ ଡ଼ିପାର୍ଟ୍‌ମେଣ୍ଟ୍ ଅଫ୍ ଅଟୋମିକ୍ ଏନେର୍ଜିର ମୁଖ୍ୟ କାର୍ଯ୍ୟାଳୟ ରହିଛି । ଅଣୁବିଜ୍ଞାନ କ୍ଷେତ୍ରରେ ଏହିମାନେ ହେଉଛନ୍ତି ଅଗ୍ରଗଣ୍ୟ ଅନୁଷ୍ଠାନ ।

ପୃଥିବୀ ବିଖ୍ୟାତ୍ 'ବଲିଉଡ୍'ର ଏହା ଘର । ସୋରାବ୍ ମୋଦୀଙ୍କଠୁଁ ଆରମ୍ଭ କରି ଅମିତାଭ୍ ବଚ୍ଚନ ଯାଏଁ, ଗୁରୁଦତ୍ତଙ୍କ ଠୁଁ ଆରମ୍ଭ କରି ରାଜକପୁର୍ ଯାଏଁ, ଏସ୍.ଡ଼ି.ବର୍ମନ୍ ଏବଂ ଲକ୍ଷ୍ମୀକାନ୍ତ-ପ୍ୟାରେଲାଲ... ଏଭଳି ବହୁତ୍ ବ୍ୟକ୍ତି ବିଶେଷଙ୍କୁ ନେଇ ଏହି ବଲିଉଡ୍ ଆଜି କୋଟି କୋଟି ଟଙ୍କାର ବ୍ୟବସାୟ ପାଲଟି ଯାଇଛି । ମରାଠୀମାନେ କହନ୍ତି ମୁମ୍ବାଇ ନାମଟି ମୁମ୍ବା ବା ମହାଅମ୍ବା, ମାକାଳୀଙ୍କ ନାମ ଅନୁସାରେ ରଖାଯାଇଛି । ପର୍ତ୍ତୁଗୀଜମାନେ ଏହାକୁ BOM BAI ଅର୍ଥାତ୍ 'ଭଲ ସମୁଦ୍ରକୂଳ' ବୋଲି ମନରେ ରଖି ଏହାର ନାମକୁ 'ବମ୍ବେ' ରଖିଥିଲେ ।



# ଭଲ ହେବା କଣ ଭୁଲ ?

ସରୋଜ ମିଶ୍ର

ଆଖିକୁ ସୁଖିବା କେତେ ମୁଁ ଦେଖିଛି
ଆଖିକୁ ଝରିବା କେତେ ବି ଦେଖିଛି
ଆଖି ହସ ସାଥେ କେତେ ମୁଁ ହସିଛି
ଆଖି ତ ମୁଖ ଦର୍ପଣ
ଦୁଃଖ-ହସ-ସୁଖ ଯେତେ ଚାପିଲେ ବି
ଆଖି କହେ ଘନ ଘନ....
ମିଶି ଯାଏ ନଈ ସାଗର ବୁକୁରେ
ଲୁଚିଯାଏ ଚନ୍ଦ୍ରା ଆକାଶ କୋଳରେ
ସ୍ପନ୍ଦନ ଲୁଚିଛି ବନ୍ଧନ ଛାତିରେ
ଆଖିରେ ମିଶିଲେ ଆଖି
ଅନ୍ତର ବେଦନା ଲୁହ ହୋଇ ଝରେ
ଆଖି ପରଦାକୁ ଟେକି....
ଭୁଲ୍ ଅଛି ଯଦି ଗାଳି କର ଯେତେ
ତାତ୍ସଲ ଭର୍ତ୍ସନା ସବୁ ଦିଅ ମୋତେ
ତୁମ ଅଭିଶାପ ପାତିବି ପଣତେ
ତଥାପି କହିବ ମୋର
ତୁମ ଆଖି ଲୁହ ମୋ ଆଖି ଦେଖିଲେ
ଭାଙ୍ଗିଯିବ ଦମ୍ଭ ଘର...
ବେଳେ ବେଳେ ଭାବେ ବଞ୍ଚିଛି କାହିଁକି
ଯନ୍ତ୍ରଣା ଜୀବନ ଅଲୋଡ଼ା ନୁହେଁ କି ?
ପଲକ ପଡ଼ିଲେ ଲିଭିଯିବ ସବୁ
ଏହିକି ଜୀବନ ଜାଲ
ମୋର ଯିବାପରେ ଟିକେ ଦୁଃଖୀ ହେଲେ
ମରି ପୁଣି କଲବଲ....



# ଅବରୁଦ୍ଧ ଆକାଶ

(ଶିଶୁ ଦିବସ ଉପଲକ୍ଷେ)

ନିବେଦିତା ମିଶ୍ରଗୁରୁ

ପିଠିରେ ପାଞ୍ଚ କେଜି ଓଜନର ବୋଝ ବୋହି
ଢ଼ଳି ଢ଼ଳି ମାଡ଼ି ଆସୁଥିଲେ ପଲ ପଲ ପେଙ୍ଗୁଇନ୍
ବିରାଟ ସେ ଲୁହାର ଫାଟକ ଆଡ଼କୁ
ମନ ପ୍ରାଣ ସବୁ ଭରପୁର ଅପୂର୍ବ ଉଲ୍ଲାସରେ
ପିଞ୍ଜରାରୁ ଖସି ଆସିଥିବା ବିହଙ୍ଗଙ୍କ ପରି
ସୀମାହୀନ ଆକାଶ କୁ ଅତିକ୍ରମି ଯିବାର ଆବେଗ
କୁନି କୁନି ଆଖି ସବୁ କଥା କହୁଥିଲେ...
ପଛରେ ଛାଡ଼ି ଆସିଥିବା ଧରାବନ୍ଧା ନିୟମ
ଆଉ ଶୃଙ୍ଖଳିତ ସମୟର କଥା
ଆଗାମୀ ରବିବାର ଟି ର ମୁକ୍ତି ର ଆନନ୍ଦର କଥା...

ହଠାତ୍ ବିକଟାଳ ଶବ୍ଦ କରି ଖୋଲିଗଲା ଲୁହାର ଫାଟକ
କୁନି କୁନି ପାଦ ସବୁ ଥମି ଗଲେ
ଧାଡ଼ିବାନ୍ଧି ପେଙ୍ଗୁଇନ୍ ମାନେ ଜାକି ଯୁକି ହେଇ
ପଶି ଗଲେ ନିଜ ନିଜ ଯନ୍ତାର ଭିତରେ
ଆଖିମାନେ ସେମିତି କଥା କହୁଥିଲେ
ଆସନ୍ତା ଛୁଟି ଦିନର ସୁଖ ସ୍ୱପ୍ନ ର କଥା
ଦୀର୍ଘ ଶୃଙ୍ଖଳିତ ଜୀବନର ପରେ
ଏକ ମୁକ୍ତିମୟ ଛନ୍ଦମୟ ଜୀବନର କଥା
ସେ ସ୍ୱପ୍ନର ଦିନ ଆସେ ନୂତନ ସୂର୍ଯ୍ୟ ସାଥେ
ଆର୍ଟ୍ ଆଉ କଂପ୍ୟୁଟର, ଗୀଟାର୍ ଆଉ ଡ଼ାନ୍ସର ଅଭ୍ୟାସ
କରାଟେ ଓ ମ୍ୟୁଜିକ୍ ଶିଖି ସାରି
ହୋଲିଡେ ହୋମ୍ ୱାର୍କ କରୁ କରୁ
ବିତିଯାଏ ସେ ସ୍ୱପ୍ନର ଦିନ
ଟଙ୍କା ଗଚ୍ଛା କଳଟାଏ ଗଢ଼ିବାର ସ୍ୱପ୍ନ ପାଇଁ
ବିତି ଯାଏ ସେ ସ୍ୱପ୍ନର ଦିନ
କୁନି କୁନି ଧୁଳିଘର ସବୁ ଧସିଯାଏ
ପିତାମାତାଙ୍କର ସ୍ୱପ୍ନର ମହଲ ର ତଳେ

ଆଉ ବା ମୁକ୍ତି କାହିଁ ?????
ମୁକ୍ତିର ଆନନ୍ଦ ତ କେବଳ ସେତିକି
ଶୃଙ୍ଖଳିତ ଶ୍ରେଣୀଗୃହଠାରୁ
ବିରାଟ ସେ ଲୁହାର ଫାଟକ ପର୍ଯ୍ୟନ୍ତ
କେବଳ ସେତିକି...



# ସଂସାର

(ପ୍ରିୟ ଭଉଣୀ ରୀତାଙ୍କୁ ଉପହାର)

ଊର୍ମିଳା ମିଶ୍ର

କୁଆଁ ଶବଦରୁ ଶେଷ ହିକ୍କା ଯାଏଁ ସଂସାର

ଜଞ୍ଜାଳ ପିଣ୍ଡିରେ ଅଭିନୟର ଧାରା ସାରି

ଚାଲିଯିବ ଏଇ 'ମୁଁ' ଶବ୍ଦଟି କାହିଁ କେତେ ଦୂର

ମଶାଣିରେ ଜଳୁଥିବା ଏଇ ପ୍ରାଣହୀନ ଶରୀରର ଜୁଇ

ତଥାପି କାହିଁକି ଏତେ ଲୋଭ... ମାୟା ସତେ ବା

ମିଳିଛି ଅମରଣ ଅସ୍ତ୍ରର ଭେଳା... ମର

ଶରୀର ସେ ଯେତେ ଯତ୍ନ କଲେ... ପଞ୍ଜୁରି ଖୋଲି

ଚାଲିଯିବ ସେ... ସରିଗଲେ ଲୀଳାଖେଳା...

କେତେ ଗର୍ବ.. ଅହଙ୍କାରକୁ ଜଡ଼ାଇ ଧରି

କେତେଯେ ଲହୁ ବୁହେ ଏଇ ମିଛ ସଂସାର ସାଗରେ

ପୁଣି କେତେ ପ୍ରୀତି ଭଲ ପାଇବାର ଭାବ

ବହୁଥାଏ ଏଇ ମାଟିର ମଣିଷ ଭିତରେ

ଦୁଇଟି ନିଆଁକୁ ସାଙ୍ଗରେ ବୋହି ଦୁନିଆ ନାମରେ

ସଂସାର ଚାଲିଛି ଏକା... କିଏ କାହାର ନୁହେଁ

ଏଥି.. ସବୁ ସଂସ୍କାର ଯାଦୁର ପ୍ରହେଳିକା



# ସଂକଳ୍ପ

ନାଁ,
କେବଳ କଥା କଟାକଟି
ବଳ କଷାକଷି
ହାରଜିତ୍‌ର ହିସାବରେ
ଗଡ଼େଇ ଦିଅନା ଯେତେ
ଦୁର୍ମୂଲ୍ୟ ମୁହୂର୍ତ୍ତ ।
ଦେଖତ,
ଯାହା ପାଇଁ ଏତେ ଦ୍ୱନ୍ଦ୍ୱ
ଏତେ ମନାନ୍ତର
ସେ ଜୀବନ ନିଗୁଡୁଛି କେମିତି
ଆଞ୍ଜୁଳାଏ ପାଣି ପରି
ନିଃଶବ୍ଦରେ ମୁହୂର୍ତ୍ତ ମୁହୂର୍ତ୍ତ ।
ଭାବ ତ,
ଦୃଶ୍ୟଶୂନ୍ୟ ଚଉଦିଗେ
ନିରନ୍ଧ୍ର ଅନ୍ଧାର ଛଡ଼ା
ଆଉ କ'ଣ ଥିବ ବାକି
ସରିଗଲେ
ଅନ୍ତିମ ମୁହୂର୍ତ୍ତ ।

ଆସ ବନ୍ଧୁ !
ଆଖି ଖୋଲିବା ମୁହୂର୍ତ୍ତକୁ
ସକାଳ ବୁଝିବା,
ଅନ୍ଧାର ଆସିବା ଆଗରୁ
ଅବଶିଷ୍ଟ ଆୟୁଷରେ
ଅମୃତର ନିର୍ଯ୍ୟାସ ଭରି
ବିଷାଦିତ ପୃଥିବୀକୁ
ସରସ କରିବା,
ଜିଇଁ ଯିବା
ଅବଶିଷ୍ଟ ପ୍ରତିଟି ମୁହୂର୍ତ୍ତ ।

ସ୍ୱପ୍ନଲତା ମିଶ୍ର(ରଥ)



# ଯଦି କେବେ ମୋ ନମ୍ବର

ଆଶିଷ କୁମାର ପଣ୍ଡା

ଯଦି କେବେ ମୋ ନମ୍ବର
ଅଜାଣତ ଲାଗେ
ଆଉ ତୁ ପଚାରିବୁ
କାହିଁକି call କଲ
କଣ କହେ ମୁଁ...!!
ଛେନା ଗୁଡ଼
ତୁ କିଏ ମୁଁ ଜାଣେନି
Wrong Number..
ତୁ ହସିଦେଉ
କହୁ
ତମେ କେବେ ସୁଧୁରିବନି ନା... !!!

କଣ କରିବି କହ
ତୋ ବିନା ଆଉ କିଛି ନାହିଁ
ତୁ ପରା ମୋ ଦେହର ଛାଇ
ଛାଇ କଣ ଦେହଠୁ ଦୂରରେ ରହିପାରେ
ନା ହୃଦୟ କେବେ ମନଠୁ ଅଲଗା ହେଇ ପାରେ...!!!

ତା ପରେ ତୋର ଗୁଡ଼ାଏ ପ୍ରଶ୍ନ
ଏଇ ଯେମିତି କି...
ପାପ କଣ... ପୁଣ୍ୟ କଣ ?
ମୋକ୍ଷ କଣ... ଆତ୍ମା କଣ ?
ପ୍ରେମ କଣ... ବିରହ କଣ ?
ତୋ ପ୍ରଶ୍ନ ଶୁଣିବା ଛଡ଼ା ଉତ୍ତର ନାହିଁ ମୋ ପାଖରେ...
ହା ... ହା ... ଯେତେ ପଚାରୁଚୁ ପଚାରେ...



# ପ୍ରବଚନ ଚାଷ

ଅକ୍ଷୟ ରାଉତ

ବେକାର ଭାଇ ହୋ ଆସ
କରିବା ପ୍ରବଚନ ଚାଷ
ଦରକାର ନାହିଁ ଡିଗ୍ରୀ ଡିପ୍ଲୋମା
ଥିଲେ ଚରିତ୍ରରେ ଦୋଷ... !
ନାଇବା ଚିତା ତିଳକ
ପିନ୍ଧିବା ଶ୍ୱେତ ବା ଗେରୁଆ ବସ୍ତ୍ର
ରଖିବା ଲମ୍ବା ଦାଢ଼ୀ ଓ କେଶ
ବଡ଼ ଲାଭ ଦାୟକ ଏ ଚାଷ... !
ଖାଇବା କ୍ଷୀର ଓ ଫଳ, ରାତିରେ ପାପୁ ବୋତଲ
ଦିଶିବା ଲାଲେ ଲାଲ୍
ପଢ଼ିବା ନିତି ଶାସ୍ତ୍ର... ରାମାୟଣ ଓ ମହାଭାରତ
ନାମ ରଖିଦେବା...
ଶ୍ରୀ ଶ୍ରୀ ପରମପିତା ଆତ୍ମାରାମ ଉବାଚ... !
ବାଳା ଏ ଆମ ପ୍ରିୟ ଶିଷ୍ୟା
ଦେବା ତାଙ୍କୁ କିଛି ସୁଦ୍ଧ ଦୀକ୍ଷା
ଯେଣୁ, ଦୀକ୍ଷା ପାଇଁ ନେତା ପୁଞ୍ଜିପତି
କରିବେ ଧନର ବର୍ଷା... !
TPR ପାଇବା ଲାଗି ଖୋଜି ନେବା ପ୍ରଯୋଜକ
ନମିଳିଲେ କେହି ଡ଼ାକି ଦେବା ଭାଇ
No. 1 / Set Wet Deo... !
ସକାଳୁ ସକାଳୁ TV Channel ରେ ହୋଇବା ଆମେ ବିରାଜ
କରିବା ପ୍ରବଚନ ଚାଷ
କିବା ପଢ଼ା କିବା ଲେଖା, ଅଜ୍ଞାନୀ ମୁରୁଖ
ସଭିଙ୍କୁ କରିବା ଆମରି ଶିଷ୍ୟ
କିବା ବୃଦ୍ଧ, ଯୁବ ବାଳୁତ ବିଧବା
ପାଦକୁ ପୂଜା କରିବେ... ହାତ ଯୋଡ଼ି ଠିଆ ହେବେ
ମେଣ୍ଢା ପଲ ପରି ଗୋଟିଏ ଆସିଲେ.. ତା ପଛକୁ ଲାଗିଥିବେ... !
ନକରନ୍ତି ପିତାମାତା ଚାଷ
ବାଛନ୍ତିନି ହିଂସା, ରାଗ, ଦ୍ୱେଷ ପରି ବାଳୁଙ୍ଗା ଘାସ
ଦେଖେଇ ହେବାକୁ ଆସନ୍ତି ସଭିଏଁ
ଧର୍ମକୁ ଏ ପରିହାସ
କରିବା ପ୍ରବଚନ ଚାଷ... !



# ନାରୀଭୃଣ ହତ୍ୟା ବିରୁଦ୍ଧରେ କବିତା

ରଶ୍ମୀ ରଞ୍ଜନ ଦାଶ (ବାପୁ)

ଆବୃତ ଏକ ବିଜନ କୋଠରୀରୁ
ଅସହାୟେ କରେ ମୁଁ ଚିତ୍କାର
ନୀଷ୍ପାପ ନିରୀହ ଅପ୍ରକଟ ମୁହିଁ
ବାଷ୍ପରୁଦ୍ଧ କଣ୍ଠ ଆଜି ମୋର........(୧)

ହେ ନିଷ୍ଠୁର ..
ମନେ ତବ ଏବେ ପ୍ରବଳ ଉତ୍କଣ୍ଠା ନା"
ଜାଣିବାକୁ ନାମଟିକୁ ମୋର
ତେବେ ଶୁଣ ...
ମୁଁ ଅଟେ ଭୃଣ ଏକ ଅଭିଷପ୍ତ କନ୍ୟା ଶିଶୁ ଚିର....(୨)

ହମ୍...........( ଦୀର୍ଘଶ୍ୱାସ ନେଇ)
କଣ ହେଲା ....ହେଇଗଲ କାହିଁ ଆନମନା
ମୁଖ କାହିଁ ଦିଶିଲା ମଳିନ
ହଜିଗଲା ସମ୍ବେଦନଶୀଳତା ର ସବୁ ଚିହ୍ନ..
ଅଭିନୟ କଲ ଯେପରି କିଛି ବି ଦେଖିନ.....କିଛି ବି ଶୁଣିନ.....(୩)

ହେ ଲମ୍ପଟ ପୁରୁଷ ସମାଜ...
କାହିଁକି କରୁ ଅଛଏହି ହୀନକର୍ମ???
କାହିଁ କି ଦେଉନାହଁ ମୋତେ ହେବା ପାଇଁ ଜନ୍ମ???
କାହିଁ କି ବଞ୍ଚିତ ମୁଯେ ପାଇବାରୁ ପିତା ମାତା ସ୍ନେହଁ??????.......(୪)

ନାରୀ ମୁହିଁ ସକଳ ସୃଷ୍ଟିର ଆଧାର
ସୃଷ୍ଟି ହୁଏ ଏ ଜଗତ ଜାଣ ମୋହରି ଗର୍ଭର
ମାଆ ହୋଇ ଜନ୍ମ ଦିଏ ଧାଇ ହୋଇ ପାଳେ
ସେବିକା ରୂପରେ ସେବେ ରୋଗରେ ପଡ଼ିଲେ
ପତ୍ନୀ ହୋଇ ପତନରୁ ମୁହିଁ ସିନା ତାରେ
ଭଉଣୀ ହୋଇ ଭାଇର ରକ୍ଷା କରିପାରେ
ତଥାପି ମୁଁ ଅଲୋଡ଼ା ଯେ ଏଇ ସଂସାରରେ
ଜନ୍ମ ହେବା ଆଗୁ ଆଜି ଦୁନିଆଁ ଯେ ମାରେ...............(୫)

ଦେଉନାହିଁ ଏଥେ ଖାଲି ପୁରୁଷଙ୍କୁ ଦୋଷ

ସ୍ୱଜାତି ମୋ ପାଲଟିଛି ପରମ ହିଂସକ
ନାରୀ ର କରୁଣା ଭାବ ଦୂରେ ଠେଲି ଦେଇ
କନ୍ୟା ଭୃଣ ନାଶୁଅଛି ଆନନ୍ଦରେ ଯାଇ
ମନେ ତାର ତିଳେ ହେଲେ ସେଥେ ଦୁଖ ନାହିଁ
ମୂଳୁ ମାରି ବୋଝ ଟାକୁ ଦେଇଛି ଓହ୍ଲେଇ.................(୬)

କେବେ ସତେ ଆଉ ଏଇ ଦୁନିଆଁ ଚେତିବ
ପୁଅ ଝିଅ ମଦ୍ଧେ ଆଉ ଭେଦ ନକରିବ??????
ନାରୀ ବିନା ଦୁନିଆକି ସୁନ୍ଦର ଦିଶଇ
ଲକ୍ଷ୍ମୀ ବିନା ଜଗନ୍ନାଥ ଭଲକି ଲାଗଇ?????............(୭)

ନାରୀ ଥିଲେ ଥିବ କନ୍ୟା ଥିବ ଯେ ଜନନୀ
ଜାୟା ରୂପେ ପୁଣି ହେବ ସେ ସହଧର୍ମିଣୀ
ତାହାବିନୁ ସୃଷ୍ଟି ଭାରସାମ୍ୟ ହରାଇବ
ପ୍ରଳୟ ଆସନ୍ନ ଆଗୁଁ ଧରା ଧ୍ୱଂସ ଯିବ.............(୮)

ସବୁ ପରେ ବିକଳରେ କହୁ ଅଛି ମୁହିଁ
ନିଠୁର ନହୁଅ ପିତା ମାତା ମୋର ଦୁଇ
ଇଶ୍ୱରଙ୍କ ସ୍ୱରୂପ ର ଦୁଇ ଗୋଟି ରୂପ
ଲଗାଅନି ସେହି ନାମେ ଆଜି ଯେ କଳଙ୍କ
ନହେଲେ ଉଠିବ ନିଷ୍ଠା ବାପାମା ନାମରୁ
ସହି ପାରିବନି ଏହା ନୀନ୍ଦା ବଡ଼ ଗୁରୁ...

ମୋର ଏହି କବିତା ସେହି ଫୁଲ କଢି ମାନଙ୍କ ପାଇଁ ଉତ୍ସର୍ଗୀକୃତ ଯେଉଁ ମାନେ ଫୁଟିବା ଆଗରୁ ହିଁ କାଳ ଗର୍ଭ ରେ ଝରି ପଡ଼ିଛନ୍ତି.............ଯେଉଁ ମାନଙ୍କୁ ଏହି ସମାଜ୍ ଅଲୋଡ଼ାକହି ପାଦରେ ଆଡ଼େଇ ଦେଇଛି ..ମୁ ସେମାନଙ୍କୁ ସମ୍ମାନ ଜଣାଇ ଏହି ସନ୍ଦେଶ ଦେବାକୁ ଚାହେଁ ଯେ ସେମାନେ କେବେ ଆଲୋଡ଼ା ନୁହନ୍ତି.......



# ପ୍ରେମ, ପ୍ରେମିକା ଓ ପ୍ରେମାନ୍ତର

ବିକି ମିଶ୍ର

ଦେଖାଚାହାଁ, କଥାବାର୍ତ୍ତା, ମିଳାମିଶାରୁ ସୃଷ୍ଟି ହୁଏ ବନ୍ଧୁତା,

ସେ ବନ୍ଧୁତାର ପରିଭାଷାରୁ ଗଢ଼ା ହୁଏ ପ୍ରେମ !!!

ସେଇ ପ୍ରେମ ବଢ଼ାଏ ଦୁଇ ଅଜଣା ମନେ ଆତ୍ମୀୟତା

ସ୍ନେହ-ଶ୍ରଦ୍ଧା, ପରୋପକାର, ପ୍ରୀତି ଓ ମମତା

ଶରୀରେ, ଭରେ ଅଫୁରନ୍ତ ଆନନ୍ଦ, ପୁଲକ

ମନ ମଧ୍ୟେ ଦିଏ ଶାନ୍ତି-ସଂହତି ଓ ଶୁଦ୍ଧତା

ଶୁଣିବାକୁ ନିହାତି ଛୋଟ ଶବ୍ଦଟିଏ, ଦ୍ୱିମନ କିନ୍ତୁ ଦିପ୍ ଦିପ୍ ତା ମଧ୍ୟେ

ସେଥିପାଇଁ କେବେ ଉପଲବ୍ଧି ସୁନେଲି ଖରାର, ଶୀତୁଆ ସନ୍ଧ୍ୟାର,

ଆଉ କେବେ ଉପଲବ୍ଧି ଚିରହରିତ ବସନ୍ତର, ବାକ୍ ବର୍ଷାର

କେବେ ଉପଲବ୍ଧି ହୁଏ ସେ ମହାନ ଦ୍ରବ୍ୟ ସଜାଏ ପବିତ୍ର-ପାପି,

କେବେ କିଏ ନୁହେଁ ଅଗ୍ରାହ୍ୟ ଆରକ ପାଇଁ ସାଜିବାକୁ ପଡୁପଛେ ଶୂନ୍ୟତପି !!

ଦୁହିଁଙ୍କ ମଧ୍ୟେ ବୁଝାମଣା ରହିଲେ ସଠିକ୍, ବର୍ଦ୍ଧିତ ହୁଏ ପ୍ରେମର ଶୋଭା

ଦୁହିଁଙ୍କ ସ୍ନେହାବିଳ ସମ୍ପର୍କ ଦୁହିଁଙ୍କ ମଧ୍ୟେ

ଅଖଣ୍ଡିତ ରଖେ ସମ୍ମାନ ଓ ଗଢ଼େ ନବ ଆଭା ।

କେବେ ସେ କଥାକୁହା କଣ୍ଢେଇ, ଚାଲିଯାଏ ଅଫେରନ୍ତା ରାଇଜେ ଭଣ୍ଡେଇ !!

ଯେବେ ପ୍ରେମ ଦୂର ହୁଏ ପ୍ରେମିକା ଠାରୁ, ଆସେ ହା-ହତୋସ୍ମି ଅବସ୍ଥା

ଶତବାର ପ୍ରଚେଷ୍ଟା ପରେ ମଧ୍ୟ ପ୍ରେମିକର ନିଜ ପ୍ରତି ପ୍ରକଟ ହୁଏନି ଆସ୍ଥା !!

ପୂର୍ବ-ପଶ୍ଚିମ, ଉତ୍ତର-ଦକ୍ଷିଣ, ଚତୁର୍ଦିଗେ ଖୋଜିବୁଲେ ସେ

ପ୍ରେମିକା ପଦବାଚ୍ୟ ବ୍ୟକ୍ତି ଟି

ତା ଅନୁଢ଼ା-ଅନୁରାଗ ପ୍ରେମକୁ !!

କିନ୍ତୁ ଶତ ଚେଷ୍ଟା ପରେ ମଧ୍ୟ ସେ

ପାଏ ବିଫଳତାର ସ୍ୱାଦ

ସେଠି ତାକୁ ଚେତନା ଚାବୁକ ଚେତାଏ

ଏଠୁ ଆଖିର ଦି ବୁନ୍ଦା ଲୁହ ବି ଯିବନି ବାଦ !!

ଦେହେ, ଚିନ୍ତା, ଚେତନା-ସମୁଦ୍ରରେ ଭରଇ ତାତି

ଦେଖ ନିଝୁମ୍ ବରଷୁଚି ଆଜି ବରଷା ରାତି !!

ଯାଇଛି ଚହଲି ହୃଦୟ-ପାହାଡ଼

ମନ-ମେରୁ-ମୂଳ ଆଉ ନାହିଁ ଟି ଦୃଢ଼ !!

ଆଜି ଆଉ କାହାପାଇଁ ଭରିଛି ହୃଦେ ଦୁଃଖ ସାଗର ?

ପ୍ରେମିକର ଦୁଇ ଆଖି ଏଠି ବଖାଣୁଛି ପରିଭାଷା ପ୍ରେମର !!

ଅଣନିଃଶ୍ୱାସୀ ହେଉଛି ଶରୀର, ଚିହ୍ନା ପଡୁନି ଅକ୍ଷର ମାନ କଳାପଟା ର

ଦୀର୍ଘଶ୍ୱାସେ ରୁଦ୍ଧ ମନ-ମନ୍ଦିର, ଡ଼ଷ୍ଟର ପରି ଦୁଃଖ-ଧୁଳିରେ ଭରା ଅନ୍ତର !!

ବିଚ୍ଛିନ୍ନତାର ଏ ଦାରୁଣ ଦୁଃଖ ପାଏ ମାନବ ଅନ୍ତର !!

ଏ ସାମାଜିକ ଶୃଙ୍ଖଳା ରେ ବନ୍ଧା ବାସ୍ତବ 'ପ୍ରେମ ଓ ପ୍ରେମାନ୍ତର' !!



# ତୁମକୁ ବାନ୍ଧି ରଖିବାକୁ ହେବ...

ସତ୍ୟନାରାୟଣ ପତ୍ରୀ

ତୁମକୁ ବାନ୍ଧି ରଖିବାକୁ ହେବ...
ମୋତେ ମୋର ଅତୀତ, ଭବିଷ୍ୟତ ଆଉ ବର୍ତ୍ତମାନ ଭିତରେ,
ନ ହେଲେ ମୁଁ ପୁଣି ଘୁରି ବୁଲିବି ଏକା,
ମହାଶୂନ୍ୟରେ.. ଅନ୍ଧାର ରାତିରେ...
ଟାଣ ଖରାରେ... ଶୀତୁଆ ସକାଳରେ...
ମରୀଚିକା ପଛରେ...
ମୋର ଡ଼ର ତୁମକୁ ହରେଇ ଦେବାରେ...
ତୁମକୁ ହରେଇ ମୁଁ କେମିତି ବଞ୍ଚିବି
ତୁମେ ଯେ ସମସ୍ତଙ୍କଠୁଁ ଭିନ୍ନ ମଣିଷ ଟିଏ...
କିଏ ବୁଝିବ ମୋ ମନର ଅକୁହା କଥା,
ଅଦେଖା ବ୍ୟଥା, ଅଝରା ଲୁହ...
ଆଉ ମୋ ହସ ପଛରେ ଲୁଚି ଥିବା ଅନେକ ଦୁଃଖକୁ,
ନିଶବ୍ଦରେ କିଏ ହାତ ରଖିବ ମୋ ପିଠିରେ,
ଭରିଦେବ ମୋ ହୃଦୟ ନିରବରେ...
ଆଉ ପୋଛି ଦେବ ମୋ ଲୁହ ଅଜାଣତରେ
ତୁମ ଅଦୃଶ୍ୟ ଆଲିଙ୍ଗନ ର ସ୍ପର୍ଶ ମୁଁ ଅନୁଭବ କରେ
ମୋ ଶରୀରର ପ୍ରତ୍ୟେକ ଶିରା ପ୍ରଶିରାରେ
ମୋ ଲୋମକୂପର ଛୋଟ ଛୋଟ ଛିଦ୍ରରେ...
ମୁଁ ସାଇତିବିନି ତୁମକୁ ମୋ ସ୍ମୃତି ମଧ୍ୟରେ
ସ୍ମୃତି କେବେ ବି ବିସ୍ମୃତି ହେଇ ଯିବ
ମୁଁ ସଜାଇ ରଖିବି ତୁମକୁ ଚିରଦିନ
ମୋ ହୃଦୟର ବନ୍ଦୀ ଘର ଭିତରେ...
ତୁମେ ଯେ ମୋ ପାଇଁ ଅମୂଲ୍ୟ ରତ୍ନ ଟିଏ
ପଙ୍କରୁ ବାହାରିଥିବା ପଦ୍ମଟିଏ
କଇଲାରୁ ବାହାରିଥିବା ହୀରା ଟିଏ
ସାମୁକା ଭିତରେ ସାଇତା ମୋତି ଟିଏ...
ତୁମେ ମୋ ପାଇଁ
ଶାନ୍ତ, ସ୍ନିଗ୍ଧ, ସବୁଠାରୁ ପବିତ୍ର, ମୋର ବହୁ ଆପଣାର
ଶ୍ରେଷ୍ଠ ମଣିଷ ଟିଏ...



# ଅଭିମାନୀ

ଆଦିତ୍ୟ ସାହୁ

ଅଭିମାନୀ ମୋର ଅଭିମାନ କରି
ବସିଛି ମୁହଁ କୁ ଫୁଲେଇ,
ଏମିତି ଲାଗୁଛି ସତେ
ପୁନେଇଁ ଚାନ୍ଦକୁ କଳା ମେଘ
ଦେଇଛି କି ଘୋଡ଼େଇ ।

ତା' ଅଭିମାନେ ମୋ ମନରେ ଆଜି
ଅସ୍ଥିରତା ଖେଳିଯାଏ
ଜାଣେନା କାହିଁକି...
ତା ଖୁସିରେ ଯେବେ ହସୁଥାଏ ମୁହିଁ
ତା' ଅଭିମାନେ ରହିବି କେମିତି !
ନୁହେଁ ମୁଁ କାହ୍ନୁ ହେଲେ
ସାଜିଛି ସେ ଅଭିମାନୀ ରାଧାରାଣୀ
ମାନଭଞ୍ଜନ ମୁଁ କେମିତି କରିବି
ଆଜି ନ ପାରଇ ସେ ବି ଜାଣି ।
ମନ ତ କହୁଛି ଲେଖିବି ଗୀତ ଗୋବିନ୍ଦ
ନୁହେଁ ମୁଁ ଜୟଦେବ ପୁଣି
ଅଭିମାନୀ ରାଧା ଅଭିମାନ କରି
ବସିଛି, ନ ବାନ୍ଧେ ବାଜେଣି ॥



# ଆମ ଗାଁ ହାଲଚାଲ୍

ଡ଼ା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ସନ୍ଧ୍ୟା ଦୀପ ଦେଇ କୁନାବୋଉ ଘର ଭିତରକୁ ଯାଉଥିବା ସମୟରେ ବାହାରେ ଭଣ୍ଡାରୀର ଧେଣ୍ଟୁରା ଶୁଣି ଅଟକି ଗଲା । କୋଠଘରକୁ ଯିବାପାଇଁ କହୁଥିଲା ସିଏ । ଘର ଦୁଆରେ ଠିଆ ହେଇ କୁନାବୋଉ ଡ଼ାକ ଦେଉଥିଲା ଗେରସ୍ତକୁ । ବଳିଆ(କୁନାବାପା) ଘର ଭିତରୁ ବାହାରକୁ ଆସୁ ଆସୁ ପଚାରୁଥିଲା କାହିଁକି ଡ଼ାକିଲୁ ବୋଲି । କୁନାବୋଉ କହୁଥିଲା, 'ମାଷ୍ଟ୍ରେ କହିଚନ୍ତି, କୋଠଘରକୁ ଯିବାପେଇଁ, କିସ ମିଟିଂ କରିବେ ବୋଲି' । ବଳିଆ କାନ୍ଧରେ ଗାମୁଛାଟା ପକେଇଦେଇ ଚାଲିଲା କୋଠ ଘର ଆଡ଼କୁ ।

ମଠ ବାରଣ୍ଡାରେ ମହନ୍ତେ ଗୋସେଇଁ ଗୁମ୍ ମାରି ବସିଛନ୍ତି । ତାଙ୍କ ପାଖକୁ କରଣ ଆଜ୍ଞା ଆଉ କାର୍ଜି ଆଜ୍ଞା ବସି ଖାତାରେ କିସ ଲେଖୁଛନ୍ତି । ପଣ୍ଡା, ମହାନ୍ତି ସବୁ ସେ ପାଖାପାଖି ବସି ଗୁଣୁ ଗୁଣୁ ହେଇ କଥା ହେଉଛନ୍ତି, ଆଉ ବାକି ଗାଁବାଲା ପିଣ୍ଡା ତଳେ ବସି ସେମାନଙ୍କ ମୁହଁକୁ ଚାହିଁଛନ୍ତି । ଆମ ଗାଁ ମହନ୍ତେ ବଡ଼ ସାକ୍ଷାତ ଭଗବାନ ଭଳି ଲୋକ । ଗାଆଁର ସୁଖଦୁଃଖରେ ଠିଆ ହୁଅନ୍ତି । ଭଲ ମନ୍ଦ ଶୁଣନ୍ତି । ପୁରୀ ବଡ଼ ଦେଉଳ ପାଖରେ ଗୋସେଇଁଙ୍କ ମଠ ଅଛି । ଗାଁରୁ ଯିଏ ବି ଗଲେ ସେଠାରେ ରହିବା ଖାଇବା ବ୍ୟବସ୍ଥା ମହନ୍ତେ ଆଜ୍ଞା କରିଦିଅନ୍ତି । ଛ ଫୁଟିଆ ମଣିଷ, ଚାଲିଲେ ଘରର ଚାଳ ମୁଣ୍ଡରେ ବାଜିବ । କଥା କହିଲେ ମହୁ ଝରିବ । ଏଡ଼େ ସ୍ନେହୀ ଲୋକ ଏ ମର୍ତ୍ତ୍ୟମଣ୍ଡଳରେ ମିଳିବା ଅସମ୍ଭବ । ନିଜ ପୁଅ ଝିଅ ପରି ସ୍ନେହ କରନ୍ତି ସମସ୍ତଙ୍କୁ । ଆମ ଗାଁ କରଣ ଆଜ୍ଞା ମହନ୍ତଙ୍କ ଖାସ ଲୋକ । ମହନ୍ତ ଅକାଳେ ସକାଳେ ଗାଁକୁ ଆସିଲେ ଯାଇ କରଣ ଘରେ ହିଁ ଖାଆନ୍ତି । ଆଉ ଭାରୀ ସ୍ନେହ କରନ୍ତି । ମୁଣ୍ଡରେ ଚିତା ଚଇତନ ଧୋବ ଫରଫର ବସନ ପିନ୍ଧି ଆମ ମହନ୍ତ ଆଜ୍ଞା ଦିବ୍ୟ ପୁରୁଷ ପରି ଦେଖାଯାଅନ୍ତି ।

ସବୁ ନିରବରେ ବସିଛନ୍ତି । କରଣ ଆଜ୍ଞା ମହନ୍ତ ଆଜ୍ଞାଙ୍କ ଆଶୀର୍ବାଦ ନେଇ କହିବାକୁ ଆରମ୍ଭ କଲେ । 'ପ୍ରତି ବର୍ଷ ଆମ ଗାଁ ମଠର ଜମିରେ ଚାଷବାସ ହୁଏ । ଯାହା ଧାନ ଆଦାୟ ହେଉଥିଲା, ସେଥିରୁ କିଛି ଭୋଗରାଗରେ ଲାଗୁଥିଲା, ଆଉ କିଛି ବିକାବିକି କରି କୋଠଘର ନାଁରେ ବ୍ୟାଙ୍କରେ ରହୁଥିଲା । ସେଇ ଟଙ୍କାରୁ ଭାଗ ବାହାର କରି ଗାଁରେ

ନାଟ ଯାନିଯାତରା ହୁଏ । ସବୁ ବର୍ଷର କଥା ନିଆରା ଥିଲା, ଏ ବର୍ଷ କିନ୍ତୁ ଅସୁବିଧା ହେଇଯାଇଛି ।’ ଗାଁ ଲୋକ ମାନେ ଗୁଣୁଗୁଣୁ ହେଇ କହୁଥିଲେ, ‘ହେବନି କେମିତି ? ବର୍ଷା ତ ନାଇଁ ଧାନ ଆସିବ କୁଆଡୁ ?’ କରଣ ଆଜ୍ଞା କହିଲେ, ‘ଏ ବର୍ଷ ବୃଷ୍ଟିପାତ କମ ହେଇଥିଲା, ତେଣୁ ବିଲରୁ ଯାହା ଧାନ ଆସିବା କଥା ତାର ଅଧା ବି ହେଲାନି । ଇଆଡ଼େ ଦରଦାମ ବୃଦ୍ଧି ଯୋଗୁଁ ଖର୍ଚ୍ଚ ବଢ଼ିଗଲାଣି । ହରିଆ ତେଲି ଦୋକାନରୁ କୋଠ ପାଇଁ ଜିନିଷ ଆସୁଥିଲା, ଏବେ ସିଏ ବାକି ଦେଇପାରିବନି ବୋଲି କହିଦେଲାଣି । ସେ ବା କଣ କରିବ, ମହଙ୍ଗା ହେଲେ ସମସ୍ତେ କଷ୍ଟ ଭୋଗିବେ ହିଁ । ତେଣୁ ମହନ୍ତ ଆଜ୍ଞା ଆମ ସମସ୍ତଙ୍କ କଥା ଚିନ୍ତା କରିବା ଉଦ୍ଦେଶ୍ୟରେ ଏଇ ବୈଠକ ଡ଼କାଇଛନ୍ତି । ଯିଏ ଯାହା କହିବାକୁ ଚାହୁଁଛ, ଜଣେ ଜଣେ ହେଇ କୁହ ।’

ସମବେତ ଗାଁବାଲାଙ୍କ ମଧ୍ୟରେ ଚାପା ଗୁଞ୍ଜରଣ ଖେଳିଗଲା । ଇଏ ତାକୁ ସିଏ ଆକୁ ଦେଖା ଦେଖି ହେଲେ ସିନା କିଏ ଜଣେ ଠିଆ ହେଲାପରି ଦେଖାଗଲାନି । ମହନ୍ତ ଆଜ୍ଞା ପରିସ୍ଥିତିକୁ ଦେଖି କହିଲେ, ‘ଏଇ ବର୍ଷ ଆମ ଉପରେ ମହାପ୍ରଭୁଙ୍କ ଆଶୀର୍ବାଦ ପୂର୍ବବର୍ଷ ଭଳି ହେଲାନି । ଏଥିପାଇଁ ଆମେ ହିଁ ଦାୟୀ । ଆମେ କେବଳ ନିଜ ସ୍ୱାର୍ଥ ଦେଖିଲେ ସିନା ସମୁହ ସ୍ୱାର୍ଥ ଦେଖିବାପାଇଁ ମନା କରିଦେଲେ । ତେଣୁ ମହାପ୍ରଭୂ ଆମକୁ ପରୀକ୍ଷା ନେଉଛନ୍ତି ।’

ମହନ୍ତ ଆଜ୍ଞା ନିଜ ବକ୍ତବ୍ୟ ରଖିସାରିବା ପରେ, କାଳୁ ପଣ୍ଡା ଯୋଡ଼ହସ୍ତ କରି ଠିଆ ହେଲା । ଆଉ କହିଲା, ‘ଆଜ୍ଞା, ମୋ ଝୁଅକୁ ଏବେ ଚଉଦ ପୁରି ପନ୍ଦର ହେବାକୁ ଗଲାଣି । ଏ ବର୍ଷ ବାହା ଦେବି ବୋଲି ନିଷ୍ପତ୍ତି ନେଇଥିଲି, ଯେ ମରୁଡ଼ି ମୋର ବିଲର ଧାନ ଖାଇଗଲା, କ’ଣ କରିବି ବୁଦ୍ଧି ଦିଶୁନି । ଯାହା ଟଙ୍କା ସୁନା ରଖିଥିଲି, ସବୁ ଋଣ ସୁଝିବାରେ ଗଲା, ଏବେ ଝିଅକୁ ଦେବାପାଇଁ ଦି ଭରି ସୁନା ବି ନାହିଁ ! କ’ଣ କରିବି କେମିତି ବାହାଘରଟା କରିବି କିଛି ବୁଝି ହେଉନି ।’

କରଣ ଆଜ୍ଞା କହୁଥିଲେ, ‘ହଇରେ, ସେ ଦିନପରା ଗାଡ଼ିରେ ଆସି ସରକାରୀ ବାବୁମାନେ କହିଗଲେ ଅଠର ବର୍ଷ ପୂର୍ବରୁ ଝିଅକୁ ବାହା ଦେବୁନି ବୋଲି, ତୋ ମୁଣ୍ଡ ଖରାପ ହେଇଚି ନା କଣ ?’

କାଳୁ କହୁଥିଲା, ‘ସରକାରୀ କଥା ଆମକୁ କିସ ଜଣା ଆଜ୍ଞା, ଏବେ ବାହା ନ ଦେଲେ, ଝିଅକୁ କିଏ ବାହା ହେବ ? ବୁଢ଼ୀ କରି ଘରେ ରଖିବି କି ଆଜ୍ଞା ?’

ମହନ୍ତ କହିଲେ, 'ଦେଖ, ଯୁଗ ବଦଳୁଚି । ଆମେ ସବୁ ଗାଁରେ ରହିଚେ ବୋଲି ଆମକୁ ବାହାର ଦୁନିଆରେ କଣ କଣ ସବୁ ପରିବର୍ତ୍ତନ ହେଉଚି ତାହା ଜଣାପଡୁନି । ପାଠଶାଠ ଦି ଅକ୍ଷର ପଢ଼ିଥିଲେ ବୋଧ ହୁଏ ତୁମେ ଖବର କାଗଜଟେ ପଢ଼ି ପାରିଥାନ୍ତ । ସେତକ ବି ଜାଣିନ । ସରକାର କଣ ନିଜ ଭଲ ପାଇଁ କଥା କହୁଚନ୍ତି ? ଆମ ଭଲପାଇଁ ହିଁ କହୁଛନ୍ତି । ଝିଅକୁ ଅଠର ବର୍ଷ ନ ହେଲେ ବିଭା ଦେବା ଅନୁଚିତ । ତାକୁ ଭଲ ଭାବରେ ବଡ଼ ହେବାକୁ ଦେ । ସେ ଘର ସଂସାର କଥା ବୁଝିବା ଭଳି ବୟସ ହେଉ ତା'ପରେ ବାହା କରିବୁ ନି ?'

କାଳୁ ପଣ୍ଡା ଥତମତ ହେଇ ରହିଗଲା, ମହନ୍ତ ଆଜ୍ଞାଙ୍କ କଥାକୁ କେମିତି କାଟିବ । ସିଏ ବସି ପଡ଼ିବାପରେ ଜଣେ ଜଣେ କରି ସବୁ ନିଜ ଦୁଃଖ ବଖାଣିବସିଲେ । ଅନ୍ଧାର ହେଇ ରାତି ହେଲାଣି । ଗାଁରେ ସାଢ଼େ ସାତଟା ହେଲେ ସବୁ ଖାଇପିଇ ଶୋଇଯାଆନ୍ତି । ମହନ୍ତ ଆଜ୍ଞା କହିଲେ, 'ଏ ବର୍ଷର ମରୁଡ଼ି ପରିସ୍ଥିତିକୁ ଦେଖି ମୁଁ ସରକାରଙ୍କୁ କହିଛି ଆମ ଗାଁ ପାଇଁ କିଛି ବ୍ୟବସ୍ଥା କରିବେ । ବିଡ଼ିଓ ଆଜ୍ଞା ଆସି ଗାଁରେ କ୍ଷୟକ୍ଷତିର ଆକଳନ କରି ସରକାରୀ ଅନୁଦାନ ଯୋଗାଇ ଦେବେ ବୋଲି ମଧ୍ୟ କହିଛି ।' ମହନ୍ତଙ୍କ କଥା ଶୁଣି ଲୋକମାନେ ଖୁସି ହୋଇଗଲେ । ମହନ୍ତେ କହିଲେ, 'ସବୁ ବର୍ଷ ଭଳି ଏ ବର୍ଷ ଆମେ ଗାଁର କେତେକ ପର୍ବପର୍ବାଣୀକୁ ବହୁତ ଖର୍ଚ୍ଚ କରି କରିବା ନାହିଁ । ଏହା ଫଳରେ ଆମ କୋଠଘର ନାଁରେ ବ୍ୟାଙ୍କରେ କିଛି ଟଙ୍କା ରହି ପାରିବ ।' ଏହା ଶୁଣି କିଛି ଟୋକା ଟାକଳିଆଙ୍କ ମନ ଆମ୍ବିଳା ହେଇଗଲା । ନାଟ ଯାତରା କରିବାନି ? କିଏ କିଏ ଗୁଣୁଗୁଣୁ ହେବା ଆରମ୍ଭ କରିଦେଇଥିଲେ । ସେ ଯା ହେଉ ରାତି ନ'ଟା ବେଳକୁ ସଭା ଭାଙ୍ଗିଲା । ଯେ ଯା'ଘରକୁ ଗଲେ । ସକାଳୁ ସକାଳୁ ମହନ୍ତେ ଆଜ୍ଞା ଚପଳା (ଅତୀତରେ ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିର ଅନୁଷ୍ଠାନ ଦ୍ୱାରା ପରିଚାଳିତ ବସ ସେବା) ରେ ବସି ପୁରୀ ଚାଲିଗଲେ ।

ଗାଁ ତୁଠରେ ବସି ଟୋକାଏ କଥା ହେଉଥିଲେ । ଚାରେଣୀ କହୁଥିଲା, 'ଶଃ.. କି ମରୁଡ଼ି ହେଲା ଆମ ଗାଁ ଯାତରାଟାକୁ ମାଡ଼ କରିଦେଲା ।' ସନିଆ କହିଲା, 'ଟଙ୍କା ତ ନାଇଁ ନାଟ ହେବ କେମିତି ?' ଗାଁ ମାଷ୍ଟ୍ରେ ଏଇ ସମୟରେ ପୋଖରୀରୁ ଗାଧୋଇ ବାହାରୁଥିଲେ, ଚାଲିଯାଉ ଯାଉ ହସିଦେଇ କହିଦେଇଗଲେ, 'ନାଟ ପାର୍ଟି ଆଣିବା ପାଇଁ ଯଦି ଟଙ୍କା ନାଇଁ ନିଜେ ନାଟ କରୁନ । ଗାଁ ପିଲେ ମିଶି କଲେ କଣ ହେବନି ?' ମାଷ୍ଟ୍ରଙ୍କ କଥାଟା ସମସ୍ତଙ୍କ ମନକୁ ପାଇଲା । ସେଇଠୁ ସବୁ ଗାଧୋଇ ପାଧୋଇ କାର୍ଜିଙ୍କ ଦୁଆରେ

ହାଜର ହେଲେ । କାର୍ଜିଏ କଥା ଶୁଣି କହିଲେ, 'ଉତ୍ତମ ବିଚାର । ଗାଁ ପିଲାମାନେ ମିଶି ଯଦି ନାଟକ କରିବ ତ ଭଲ କଥା । ଆଗ ବି ଆମ ଗାଁରେ ନାଟ ହେଇଚି । ଆମ ବସନ୍ତ (କରଣଘର ବଡ଼ ପୁଅ) ଅନେକ ଦିନତଳେ ଗୋଟେ ନାଟକ ଲେଖିଥିଲା ଯେ ତାକୁ ନେଇ ଆମେ ଗାଁରେ ନାଟକଟେ ଖେଳିଥିଲୁ । ଦେଖ ତୁମେମାନେ ଯଦି କରିବ ଭଲ କଥା । ସେ ବହିଟା ବୋଧହୁଏ କରଣ ମାଷ୍ଟ୍ରଙ୍କ ଘରେ ଥିବ । ସନ୍ଧ୍ୟା ବେଳକୁ କରଣ ଆଜ୍ଞା ଘରକୁ ଫେରିବା ବେଳକୁ ଦୁଆରେ ଭିଡ଼ ଦେଖି ଅଟକି ଗଲେ । ପିଲାମାନଙ୍କ ଠାରୁ କଥା ଶୁଣି ବଡ଼ ଖୁଶି ହେଲେ । କହିଲେ, 'ଆମ ଗାଁ ଉପରେ ବିପତ୍ତି ଆସିଲା । ମରୁଡ଼ି ହେଇଗଲା ବୋଲି ସିନା ନାଟ ବନ୍ଦ କରିବା କଥା ମହନ୍ତ ଆଜ୍ଞା କହିଲେ, ନହେଲେ ସେ କେବେ ମନା କରିଥିଲେ କି? ହେଲେ ତୁମେ ମାନେ ଯୋଉ ପ୍ରସ୍ତାବ ନେଇ ଆସିଚ ତାହା ବହୁତ୍ ଭଲ । ଏଥିରେ ଖର୍ଚ୍ଚ କମ ହେବ ଆଉ ଆମ ଗାଁରେ ଯେଉଁ ସବୁ ପ୍ରତିଭା ଲୁଚି ରହିଛନ୍ତି ତାହା ବି ବାହାରି ଆସିବ ।'

ପିଲାମାନେ କେଉଁ ନାଟକ କରିବେ ସେ କଥା ନିଷ୍ପତ୍ତି ଦାୟିତ୍ୱ କରଣ ଆଜ୍ଞା ଗାଁ ସ୍କୁଲର ସଂସ୍କୃତ ମାଷ୍ଟ୍ରଙ୍କ ଉପରେ ନ୍ୟସ୍ତ କଲେ । ସେଦିନ ସଂଧ୍ୟାରେ ପୁଣିଥରେ କୋଠଘରେ ସଭା ବସିଲା । ଗାଁ ପିଲେ ଖାତା କଲମ ଧରି ବସିଲେ । ତାଳ, ମୃଦଙ୍ଗ, ଝାଞ୍ଜ, ହାର୍‌ମୋନିୟମ୍ ସବୁ ଆସିଲା । ସଭା ପୂର୍ବରୁ ପୁରୋହିତେ ମନ୍ତ୍ରପାଠ କଲାପରେ କୀର୍ତ୍ତନ କରାଗଲା । ମାଷ୍ଟ୍ରେ ଆସିଲାବେଳକୁ ଭଜନ ଚାଲିଛି । ସବୁ ପିଲାମାନେ ମାଷ୍ଟ୍ରେଙ୍କୁ ଦଣ୍ଡବତ ହେଲାପରେ ମାଷ୍ଟ୍ରେ ବଡ଼ ଭାବଗମ୍ଭୀର ସ୍ୱରରେ କହିଲେ, 'ତା' ହେଲେ ନାଟକ ଖେଳିବା ? ହଉ, ତୁମେ ମାନେ ଯଦି ମନକରିଛ ଠିକ୍ ଅଛି, କିନ୍ତୁ କ'ଣ ଖେଳିବା ? ରାମାୟଣ ନା ମହାଭାରତ ନା ଆଉ କିଛି ସାମାଜିକ ନାଟକ ? ତୁମେ ମାନେ କ'ଣ ଭାବୁଛ ଆଗ କୁହ, ତା'ପରେ ଆମେ ଦେଖିବା ଚିନ୍ତା କରିବା କଣ କରାଯାଇପାରେ ।'

କିଏ କହିଲା ରାମାୟଣ କରିବା, କିଏ କହିଲା ମହାଭାରତ ଆଉ କିଏ କହିଲା ରାଧା ପ୍ରେମଲୀଳା, ଇତ୍ୟାଦି ଇତ୍ୟାଦି, ହେଲେ ନାନା ମୁନୀଙ୍କ ନାନା ମତକୁ ଦେଖି ମାଷ୍ଟ୍ରେ ବିବ୍ରତ ହେଇଗଲେ । ସେ ସମସ୍ତଙ୍କୁ ନିରବ ରହିବାକୁ ନିର୍ଦ୍ଦେଶ ଦେଇ କହିଲେ, ଏଥର ଗୋଟିଏ ସାମାଜିକ ନାଟକ ଖେଳାଯିବ । ନାଟକର ନାଁ 'ମୋ ଶଙ୍ଖା ସିନ୍ଦୁର ଫେରାଇ ଦେ' । ନାଟକର ନାଁ ଶୁଣି ଏଥିରେ ବହୁତ ରୋମାଞ୍ଚକର ଦୃଶ୍ୟ ସହିତ ସାମାଜିକ ପରିସ୍ଥିତି ଆଦି ଥିବ ବୋଲି ଜାଣିବାରେ ସନ୍ଦେହ ନଥିଲା । ମାଷ୍ଟ୍ରେ ଜଣ ଜଣ କରି

ସମସ୍ତଙ୍କୁ ପୁଣିଥରେ ପଚାରିଦେଲେ । ସମସ୍ତେ ହଁ ଭରିଲେ । ଏବେ ବହି ଅଣାଗଲା । ମାଷ୍ଟ୍ରେଙ୍କ ବହି ବ୍ୟାଗରୁ ସେ ବହି ବାହାର କଲେ । ତାକୁ ଖଟୁଳି ଉପରେ ରଖାଗଲା ଆଉ ନଡ଼ିଆ ବାଡ଼େଇ ଧୂପଦୀପ ଦିଆଗଲା । ବାସ, ତା'ପରେ ଆସିଲା ଚରିତ୍ର ଚୟନ ପ୍ରକ୍ରିୟା । ଅଧ ରାତି ହେଲାଣି ପିଲାମାନେ କୋଠଘରୁ ବାହାରୁ ନାହାନ୍ତି, ତେଣେ ଗାଁ ରେ ତାଟି କବାଟ ପଡ଼ିଗଲାଣି । ସବୁ ଠିକ୍ କରିବା କଣ ଏତେ ସହଜ କଥା ? ସବୁ ଚରିତ୍ରକୁ ସଠିକ୍ ଯୋଗ୍ୟତା ସମ୍ପର୍ନ୍ନ କଳାକାର ମିଳିବା ସମ୍ଭବ ହେବା ବି କଠିନ । ସେ ଯା ହେଉ, ପ୍ରାୟ ସବୁ ଚରିତ୍ର ଠିକ ହୋଇଗଲା ।

ଶେଷରେ ହିରୋଇନ୍ ପାଇଁ ସମୟ ଆସିଲା । ମାଷ୍ଟ୍ରେ କହିଲେ, 'ବ୍ରହ୍ମପୁରରୁ ହିରୋଇନ୍ ଆଣିବା । ଡ୍ରାମା ଆଉ ନାଟକରେ ସେ କାମ କରନ୍ତି ତେଣୁ ସେ ଭଲ ହେବ ।' ସବୁ ନିରବ ଥିବା ସମୟରେ ନାରଣ କହିଲା, 'ହେଇ ପାରିବ ନି । ମୁଁ ଥାଉ ଥାଉ ହିରୋଇନି ଆଣିବ, ହେବ ନି । ସବୁ ବର୍ଷ ଯାତ୍ରାବେଳକୁ ମୁଁ ଝିଅବେଶ ପଡୁଚି, ତେଣୁ ହିରୋଇନି ମୁଁ ହିଁ ହେବି ।' କଥା ଅସ୍ୱାଭାବିକ ନଥିଲା, କାରଣ ଆଗରୁ ବି ଯେବେ ଯେବେ ଗାଁରେ ନାଟକ ହୋଇଥିଲା, ସେ ସବୁ ସମୟରେ ପୁରୁଷମାନେ ହିଁ ନାରୀର ଭୂମିକାରେ ଅଭିନୟ କରିଥିଲେ, ହେଲେ ଏବର କଥା ନିଆରା । ଏବେ ହିରୋଇନ୍ ମିଳୁଛି, ତେଣୁ କଦବା କ୍ୱଚିତ୍ କେଉଁ କେଉଁ ସ୍ଥାନରେ ପୁରୁଷମାନେ ନାରୀ ହେଉଛନ୍ତି । ମାଷ୍ଟ୍ରେ କହିଲେ ଝିଅପିଲାଟେ ଆଣିଲେ ସୁନ୍ଦର ଲାଗିବ ନା ! ସବୁ ଯୁବକମାନେ ହଁ ଭରିଲେ, ହେଲେ ବିଶୁ କହିଲା, 'ନାରଣ ଯଦି କହୁଚି ତାକୁ ଅଭିନୟ କରିବା ପାଇଁ ମଉକା ଦିଆଯାଉ । ଦେଖ ଯଦି ସେ ଭଲ କରିବ ବୋଇଲେ କା'କୁ ଡ଼ାକିବା ଦର୍କାର୍ ନାହିଁ ।' ଅଗତ୍ୟା ମାଷ୍ଟ୍ରେ କହିଲେ, 'ହଉ, ଯଦି ସେ ଏତେ ଜିଦ୍ କରୁଛି, ତାକୁ ମଉକା ଦେଇ ଦେଖିବା ।'

ଅଧ ଘଣ୍ଟା ଧରି ମାଷ୍ଟ୍ରେ ନାରଣକୁ ଯାହା ଯାହା ସବୁ କହିଲେ ସେ ନିଖୁଣ ଅଭିନୟ କରି ଦେଖାଇଦେଲା । ବାସ୍ ଘୋଷଣା ହେଇଗଲା, ନାରଣ ହିଁ ନାରୀ ଅଭିନୟ କରିବ । ଢ଼େର୍ ରାତିରେ ସବୁ ନିଜ ନିଜ ଘରକୁ ଫେରିଲେ । ପରଦିନ ମାଷ୍ଟ୍ରେ ସ୍କୁଲ୍ ପିଲାଙ୍କୁ ଦେଇ ବହିର ବିଭିନ୍ନ ପୃଷ୍ଠାକୁ ନକଲ କରାଇନେଲେ । ଆଉ ସଂଧ୍ୟାବେଳକୁ ରିହାର୍ସଲ୍ ଆରମ୍ଭ ହେଲା । ମାଷ୍ଟ୍ରେ ଯେମିତି ଯେମିତି ବତେଇଲେ ପିଲେ ସେମିତି ନାଟରେ ମାତିଲେ । ନାଟକରେ ସବୁ ଏମିତି ମାତିଗଲେ ଯେ ଦିନ ନାଇଁ ରାତିନାଇ ଗାଁ ଦାଣ୍ଡ, ପୋଖରୀ ହୁଡ଼ା, ବିଲମାଟି ସବୁଠି ଖାଲି ନାଟକର ଡ଼ାଇଲଗ୍ ଶୁଣିବାକୁ ମିଳିଲା । ଗାଇ ଚରାଇବାକୁ

ନେବାକୁ ଆସିଥିଲା କୁଶ ଗଉଡ଼ ଗୁହାଳ ବାହରେ ଥାଇ କହୁଥିଲା, 'ତୁମେ ମୋ ମନ କଥା ବୁଝିଲ ନାହିଁ । ବୁଝିଥିଲେ ସେମିତି ନିରବରେ ଠିଆ ହୋଇନଥାନ୍ତ ।' ବାମୁଣ ଘର ବୁଢ଼ୀ ଭାବିଲା କୁଶଟା ପାଗଳା ହେଇଯାଇଚି ବୋଲି । ଅପରାହ୍ନରେ ବିଲ ରାସ୍ତାରେ ଯାଉଥିଲା ପାଖ ଗାଁର ପିଲାଟେ ହଠାତ୍ ଉଚ୍ଚ ସ୍ୱରରେ କିଏ ଜଣେ ବିକଟାଳ ରଡ଼ିଦେଇ ହସିବା ଶୁଣି ଚମକି ପଡ଼ିଲା । ଫେରି ଚାହିଁଲା ତ ବିଲରେ ବଳଦ ହଳକୁ ଧରି ଚାଷ କରୁ କରୁ ବିକ୍ରମ କହୁଥିଲା, ' ଆଉ ତୁ କଣ ଭାବିଛୁ ସବୁ ପୁଣ୍ୟଧର୍ମ ତୁ ନେଇଯିବୁ । ହା ହା ହା ।' ସେ ପିଲା ଡ଼ରରେ ଦଉଡ଼ି ପଳାଇଲା ।

ପନ୍ଦର ଦିନ ହେଲା ରିହାର୍ସଲ୍ ଚାଲିଛି । କାର୍ଜି କରଣ ମଝିରେ ମଝିରେ ଆସି ଦେଖିଯାଉଛନ୍ତି । ଚିତ୍ରାଳୟକୁ ଖବର ଦିଆଗଲା, ସେମାନେ ଆସି ମଞ୍ଚ ସଜ୍ଜାରେ ଲାଗିଗଲେ । ମାଘ ପୂର୍ଣ୍ଣିମା ଆସିଗଲା । ଆଜି ଗାଁ ଦାଣ୍ଡରେ ନାଟକ ହେବ । ଆଖପାଖ ଦଶ ବାରଖଣ୍ଡ ଗାଁ ଲୋକ ନାଟ ଦେଖିବାପାଇଁ ଆସି ହାଜର ହୋଇଛନ୍ତି । ଦିପହର ବେଳକୁ ଠାକୁର ଗାଁରେ ବୁଲିଲେ । ଗାଁ ଦାଣ୍ଡରେ ଭଳିକି ଭଳି ଦୋକାନ ବଜାରର ପସରା ମେଲିଲା । ସନ୍ଧ୍ୟା ହେଉ ହେଉ ନାଟକ ଆରମ୍ଭ ହେବାର ସମସ୍ତ ଆୟୋଜନ ହୋଇଗଲା । ରାତି ଅଧାପର୍ଯ୍ୟନ୍ତ ନାଟକ ଚାଲିଲା । ନାରଣର କାନ୍ଦ ଦେଖି ଗାଁ ମାଇପେ କାନ୍ଦି ପକାଇଲେ । ବିକ୍ରମର ବିକଟାଳ ହସ ଶୁଣି ଶୋଇଯାଇଥିବା ଦର୍ଶକ ମାନେ ଚମକି କରି ଉଠିପଡ଼ିଲେ । ମହନ୍ତ ଆଜ୍ଞା କରଣ ଘର ପିଣ୍ଡାରେ ଚଉକି ଉପରେ ବସି ମୁରୁକି ମୁରୁକି ହସୁଥାନ୍ତି । ମହନ୍ତଙ୍କ ସାମନାରେ ନାଟକରେ ଅଭିନୟ କରୁଥିବା ଅଭିନେତା ମାନେ ଯଥେଷ୍ଟ ଚେଷ୍ଟା କରୁଥାନ୍ତି ନିଜ ନିଜ ଅଭିନୟକୁ ନିଖୁଣ କରିବାପାଇଁ ।

ନାରଣର ଅଭିନୟରେ ଖୁସି ହେଇ ଅନେକ ଦର୍ଶକ ପୁରସ୍କାର ବି ଦେଉଥାନ୍ତି । ବାରମ୍ବାର ନାଟକକୁ ବନ୍ଦ କରି ପୁରସ୍କାର ଘୋଷଣା ହେଉଥାଏ । ସକାଳ ପହର ହେବାକୁ ଆସିଲା । ପୂରୁବ ଆକାଶରେ ନାଲିମା ଦେଖାଦେଲା ବେଳକୁ ନାଟକର ପରିସମାପ୍ତି ହୋଇଗଲା । ଗାଁ ଲୋକଙ୍କ ଦ୍ୱାରା ହୋଇଥିବା ନାଟକ ସମସ୍ତଙ୍କୁ ଭଲ ଲାଗିଥିଲା । ଅର୍ଥାଭାବ ଯୋଗୁଁ ବାହାର ଗାଁରୁ ନାଟକ ଅଣା ନ ହୋଇଥିବା ସତ୍ତ୍ୱେ ଗାଁ ନାଟ ଯେ କୌଣସି ଗୁଣରେ କମ ନଥିଲା ଏହା ସମସ୍ତେ କହୁଥିଲେ ।



# ଏଡ୍‌ସ ରୋଗ ସଚେତନତା

ରଶ୍ମୀ ରଞ୍ଜନ ଦାଶ (ବାପୁ)

ନାଗରୀ- ଜାଣିଛୁ ନାଗର କେଡ଼େ ଅଡୁଆ କଥା ଟେ ହେଇଛି..ତୁ ଶୁଣିଲୁଣି କି ନାହିଁ କହିଲୁ......ଆମ ସାଇ ରତନାକୁ ନା ଏଡ୍‌ସ୍ ହେଇଛି..ଏ ସାଇ ରେ ଆମେ କେମିତି ରହିବା କହିଲୁ...ମୁ ତାଙ୍କ ଘରେ ଆଉ କେମିତି କାମ କରିବି କହିଲୁ ????

ନାଗର- ହେ ହେ ..ଓଃ ଏଇ କଥାକୁ ନାଁ ପେଲି ଦେଲି କଲିକତାକୁ..ତୁ ଏଡ଼ସ ବିଷୟରେ କିଛି ଜାଣିନୁ ତେଣୁ ଏମିତିକା ହଉଛୁ ଆଉ......

ନାଗରୀ-ତେବେ ମୋତେ ଟିକେ କହୁନୁ ବୁଝେଇକି ସେ ରୋଗ ବିଷୟରେ...

ନାଗର-ହଉ ତେବେ ଶୁଣ ମୁ କହୁଛି.......

--------------------------

ନାଗର- ଏଡ଼ସ୍ ରୋଗ ଏକ ଭୟାନକ ରୋଗ ମଣିଷ ମାନଙ୍କୁ ହୁଏ...ନାଗରୀଲୋ ମଣିଷ ମାନଙ୍କୁ ହୁଏ

ଅଭିଶାପ ଅବା  ପାପ ଯୋଗୁଁ ନୁହଁ HIVବ୍ୟାପାଇ ଥାଏ......ନାଗରୀଲୋ HIV ବ୍ୟାପାଇ ଥାଏ

ନାଗରୀ-ଅଭିଶାପ ଅବା ପାପ ରୁ ଏ ରୋଗ ଯଦି ବା ନଥାଏ ହୋଇ ...ଯାହା ଦ୍ୱାରା ଏହା ହଉଛି ତା କଥା ଟିକିଏ ଦିଅ ବୁଝାଇ

ନାଗର ରେ ଟିକିଏ ଦିଅ ବୁଝାଇ.......(୨)

ନାଗର-କହୁଛି ମୁଁ ଏବେ ଶୁଣ୍ ମନ ଦେଇ HIV ଏଡ଼ସ୍ କଥା.....କେଉଁ ପରି ହୁଏ ସେକଥା ଶୁଣିଲେ ଘୁରି ଯିବ ତୋର ମଥା

ନାଗରୀ ଲୋ ଘୁରି ଯିବ ତୋର ମଥା

ନାଗରୀ-କହିବୁ କହିବୁ ବୋଲିତୁ କହିଣ ଉଛୁର କରୁଛୁ କିଆଁ....ତୋ କଥା ଶୁଣିଣ ଗାଁ କୁ ମୁ ଯିବି ନହେଲେ ପାଇବି ଚିଆଁ

ନାଗର ରେ ନହେଲେ ପାଇବି ଚିଆଁ

ନାଗର-ବହୁ ନାରୀ ସାଥେ ପିରତୀ କରଇ ଯେଉଁ ମୂଢ଼ମତି ନର ରୋଗପ୍ରତିରୋଧ ଶକ୍ତି ହରାଇ ସେ ହୁଏ ଏଡ୍‌ସର ଶିକାର

ନାଗରୀ ଲୋ  ଏଡ୍‌ସର ଶିକାର

ଏକ ସିରିଞ୍ଜ ରେ ଇଂଜେକ୍‌ସନ ଯଦି ନ୍ୟନ୍ତି ଏକାଧିକ ଜଣ...ଏଡ଼ସ୍ ରୋଗର୍ ଆଶଙ୍କା ଯେ ତହିଁ ରହି ଯାଇ ଥାଏ ଜାଣ

ନାଗରୀଲୋ ରହିଯାଇ ଥାଏ ଜାଣ

ରକ୍ତ ନେବାବେଳେ ପରଖି ନ ନେଲେ ଆସୁବିଧା ହୋଇଯାଏ...ନାଗରୀଲୋ

ଅସୁବିଧା ହୋଇଯାଏ

ଏଡ଼ସ୍ ରୋଗ ର ଆଶଙ୍କା ଟି ତହିଁ ଯଦି ସେ ରକ୍ତେ HIV ଥାଏ..ନାଗରୀଲୋ ଯଦି ସେ ରକ୍ତେ HIV ଥାଏ

ଏଡ଼ସ୍ ରୋଗୀ ସହ ସହବାସ କଲେ ଏଡ଼ସ୍ ରୋଗ ହୋଇଥାଏ..ନାଗରୀ ଲୋ ଏଡ଼ସ୍ ରୋଗ ହୋଇଥାଏ

ସେଥିପାଇଁ ସିନା ସେହି ସମୟରେ ନୀରୋଧ କୁ ଖୋଜା ହୁଏ

ନାଗରୀ ଲୋ ନୀରୋଧ କୁ ଖୋଜା ହୁଏ......

ମାଁ ଦେହେ ଯେବେ ଏଡ଼ସ ରହିଥାଏ ପିଲା ଜନମ ଆଗରୁ...ନାଗରୀ ଲୋ ପିଲା ଜନମ ଆଗରୁ

ତା ପେଟ ଛୁଆକୁ ଆପେ ହୋଇଯାଏ ଏ ରୋଗ ଟି ଅତି ଗୁରୁ

ଜାଣିଥାଲୋ ଏ ରୋଗଟି ଅତି ଗୁରୁ

ଯାହା ଯାହା ମୁହିଁ କହିଲି ନାଗରୀ ସେସବୁ ଏଡ଼୍ସ ମଞ୍ଜି...ଏଇ ରୋଗ ଥରେ ଯାହାକୁ ହୁଅଇ ମରଣ ଆସଇ ସାଜି

ନାଗରୀଲୋ ମରଣ ଆସଇ ସାଜି

-------------------

ନାଗରୀ- ଏ ମାଁ ରତନା ଟା ତାହେଲେ..........................

ହେଲେ ନାଗର .....ଏ ରୋଗ ପାଇଁ କଣ କିଛି ଓଷଦ ନାହିଁ...କିଛି ନିଦାନ ନାହିଁ????????????????

ନାଗର-ନାଁ !!!!!!!!!!! ନାଁ ଲୋ ନାଗରୀ ଏହାକୁ ଭଲ କଲା ଭଲି ଓଷଦ ଆଜି ଯାଏଁ ବାହାରିନି ଲୋ

ତେବେ କଥା ରେ କହନ୍ତିନି .....ବେଳହୁଁ ସାବଧାନ ହେଲେ,ପ୍ରମାଦ ନପଡ଼ଇ ଭଲେ

ଯେଉଁ ଯେଉଁ କାରଣ ରୁ ଏଡ଼୍ସ ହଉଛି ତାକୁ ଜଗି ରଖି ଚଳିଲେ..ଆମକୁ କାହିଁକି ଏଡ଼୍ସ ହବନା ...ଆମେ କାହିଁକି ମରିବା

-----------------

ନାଗରୀ- ସବୁକଥା ମୋତେ କହିଲୁ ବୁଝାଇ ଜୀବନ ଆଶରା ମୋର.....ନାଗର ରେ ଜୀବନ ଆଶରା ମୋର

ହେଲେ ଗୋଟେ କଥା ମୋ ମନ ଭିତରେ ଘାଣ୍ଟୁଛି ହଜାରେ ଥର..ନାଗର ରେ ଘାଣ୍ଟୁଛି ହଜାରେ ଥର

ନାଗରୀ- କଣ ପଚାରୁନୁ?????

ନାଗରୀ- ରତନାକୁ ଆମ ହେଇଛି ଏଡ଼୍ସ ମୁଁ କାମ ତାଙ୍କ ଘରେ କରେ..ନାଗରରେ କାମ ତାଙ୍କ ଘରେ କରେ

ତା ପାଖେ ବସିଲେ ତା ପାଇଟି କଲେ ଏଡ୍‌ସ ହବନି କିରେ????

ନାଗର-ଧେତ୍ ତୋତେ ଏତେ ବୁଝେଇଲି ତୁ ଏଇୟା ବୁଝିଲୁ......

ଏଡ୍‌ସ ରୋଗୀ ସହ ଏକତ୍ର ରହିଲେ ଅବା ତାକୁ ସ୍ପର୍ଶ କଲେ..

ତାର ସେବା କଲେ ତା ସାଥେ ଖାଇଲେ ଏଡ୍‌ସ ହୁଏ ନାହିଁ ରେ

ନାଗରୀଲୋ ଏଡ୍‌ସ ହୁଏ ନାହିଁ ରେ

ମଶା କାମୁଡ଼ିଲେ କାଶିଲେ ଛିଙ୍କିଲେ ଏଡ୍‌ସ ଜମା ବ୍ୟାପେ ନାହିଁ..ଏକଥା କୁ ଜାଣି ନିଶ୍ଚିନ୍ତ ରହିଥା ଆଲୋମୋ ପ୍ରାଣ ମିତଣୀ...

ନାଗରୀ-ମନର ସନ୍ଦେହ ଦୂର କରିଦେଲୁ ସବୁ ମୁହିଁ ଗଲି ଜାଣି...ତାଙ୍କ ଘରେ କାମ ନିଶ୍ଚୟ କରିବି ଜମା ଆଉ ଡ଼ରିବିନି

ନାଗରରେ ଜମା ଆଉ ଡ଼ରିବିନି

....ନାଗର,ନାଗରୀ-ଭାଇ ଭଉଣୀ ଏ ମିନତୀ ଏତିକି ଆମର ଘେନା କରିବ

ଭାଇମାନେ ଆମର ଘେନା କରିବ

ଏଡ୍‌ସ୍ ରୋଗର କାରଣ ଗୁଡ଼ିକୁ ଦେଖି ଚାହିଁ ଚଳୁଥିବ

ଭଉଣୀ ଏ ଦେଖି ଚାହିଁ ଚଳୁଥିବ

ଏକ ନାରୀ ସାଥେ ବିଶ୍ୱସ୍ଥ ରହିବ ଆମର ଯେତେକ ଭାଇ....ଏକ ପତିବ୍ରତ ସରଗର ପଥ ଜାଣିଥା ଭଉଣୀ ତୁହି

ସଂଯମ ସୁରକ୍ଷା ଏଡ୍‌ସ ରୁ ରକ୍ଷା ଏକଥା ମନେ କରିବ..ରକ୍ତ ନେଲାବେଳେ ଭାଇ ଭଉଣୀ ଏ ନିଶ୍ଚୟଂ ପରଖି ନେବ

ଏଡ୍‌ସ ରୋଗୀକୁ ଘୃଣା କରିବନି ରୋଗକୁ କରିବ ଘୃଣା....ସେନେହ ଆଦର କରୁ ଥିବ ତାକୁ ଦୁଃଖ ଦବ ନାହିଁ ଜମା

ଆସ ଆସ ସବୁ ମୋ ଭାରତ ବାସୀ ଆଜି ହିଁ ଶପଥ ନବା ...ଏଡ୍‌ସ୍ ରୋଗ କୁ ଆମ ଦେଶ ଟାରୁ ପୁରା ପୁରି ହଟେଇବା

ଭାଇମାନେ ପୁରା ପୁରି ହଟେଇବା ...ଭଉଣୀ ଏ ପୁରା ପୁରି ହଟେଇବା...ବାବୁମାନେ ପୁରା ପୁରି ହଟେଇବା

# ପ୍ରଥମ ଅନ୍‌ଲାଇନ୍ ଓଡ଼ିଆ ସାହିତ୍ୟ ସମାବେଶ

ତା - ୭-ଜାନୁଆରୀ-୨୦୧୨ / ବ୍ରହ୍ମପୁର -

ଓଡ଼ିଶାର ପ୍ରଥମ ସମ୍ପୂର୍ଣ୍ଣ ଓଡ଼ିଆ ସାହିତ୍ୟ ଇ-ପତ୍ରିକା 'ଆହ୍ୱାନ' ଏବଂ ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ଓଡ଼ିଆ ଭାଷାର ପ୍ରଚାର, ପ୍ରସାର ତଥା ଉନ୍ନତି ହେତୁ, ଏକ ସାହିତ୍ୟ ସମାବେଶର ଆୟୋଜନ କରାଯାଇଛି । ବିଶ୍ୱବ୍ୟାପୀ ଅନ୍ତର୍ଜାଲ (ଇଣ୍ଟର୍‌ନେଟ୍) ରେ ଏହି କାର୍ଯ୍ୟକ୍ରମକୁ ସଫଳତାର ସହ ଆୟୋଜନ କରିବାରେ ଆହ୍ୱାନ ଓଡ଼ିଆ ପରିବାର ଏକ ନୂତନ କୀର୍ତ୍ତିମାନ ସ୍ଥାପନ କରିଛନ୍ତି । ସାହିତ୍ୟ ଚର୍ଚ୍ଚାକୁ କେବଳ ସାହିତ୍ୟ ସଂସଦ ବା ଗୋଷ୍ଠୀ ମାନଙ୍କଠାରୁ ଆଗକୁ ନେଇ ଏହାକୁ ଏକ ବିଶ୍ୱସ୍ତରୀୟ ଆୟୋଜନର ସ୍ୱରୂପ ଦେବାରେ ଆହ୍ୱାନ ଓଡ଼ିଆ ପରିବାରର ଅବଦାନ ଅତୁଳନୀୟ ।

ଆଜି ପୂର୍ବାହ୍ନ ସାଢ଼େ ସାତଟା ସମୟରେ ଆୟୋଜିତ ଏହି ସାହିତ୍ୟ ସମାବେଶରେ ଦେଶ ବିଦେଶର ଅନେକ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ରହି ନିଜ କବିତା ଓ ଗଳ୍ପ ପଠନ କରିଥିଲେ । କାର୍ଯ୍ୟକ୍ରମର ପରିକଳ୍ପନା ଓ ପରିଚାଳନା କରିଥିଲେ ଆହ୍ୱାନ ଓଡ଼ିଆ ପରିବାରର ପ୍ରମୁଖ ଡ଼ା ଜ୍ୟୋତି ପ୍ରସାଦ ପଟ୍ଟନାୟକ । ଏବଂ ସଂଯୋଜନା କରିଥିଲେ ଆମେରିକାରେ ରହୁଥିବା ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ଭୂୟାଁ । ଏହି କାର୍ଯ୍ୟକ୍ରମରେ ସୁଦୂର ଆମେରିକାରେ ରହୁଥିବା ଓଡ଼ିଆ ଲେଖକ ଶ୍ରୀ ବରୁଣ ପାଣି, ଶ୍ରୀ ସତ୍ୟଜିତ୍ ପଟ୍ଟନାୟକ, ଶ୍ରୀ ଗଗନ ବିହାରୀ ପାଣିଗ୍ରାହୀ, ଶ୍ରୀମତି ସ୍ୱପ୍ନଲତା ମିଶ୍ର, ଶ୍ରୀ ରଘୁ ଦାସ, ଶ୍ରୀ ପ୍ରଶାନ୍ତ ଭୁୟାଁ ଏବଂ ଭାରତରୁ ଶ୍ରୀ ଆଶିଷ କୁମାର ପଣ୍ଡା, ଶ୍ରୀ ନିତ୍ୟଦର୍ଶନ ମିଶ୍ର, ଶ୍ରୀମତି ଆଶାରାଣୀ ପଟ୍ଟନାୟକ , ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର, ଶ୍ରୀ ଗୋର୍ବାଚୋଭ୍ ପୋଥାଳ ଏବଂ ଡ଼ା ଜ୍ୟୋତି ପ୍ରସାଦ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ । ଓଡ଼ିଆ ସାହିତ୍ୟର ଉତ୍‌ଥାନ ଏବଂ ଏହାକୁ ଅଧିକ ଲୋକପ୍ରିୟ କରିବା ପାଇଁ ଆହ୍ୱାନ ଓଡ଼ିଆ ପରିବାରର ଉଦ୍ୟମକୁ ଭୂୟସୀ ପ୍ରଶଂସା କରାଯାଇଥିଲା, ଏବଂ ଆଗାମୀ ଦିନରେ ଏହିପରି ଅନେକ କାର୍ଯ୍ୟକ୍ରମ କରାଯିବ ବୋଲି ସଭା ସମାପନ ବେଳେ ନିଷ୍ପତ୍ତି ନିଆଯାଇଥିଲା । ଭବିଷ୍ୟତରେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାକୁ ଇଚ୍ଛା କରୁଥିବା ବନ୍ଧୁମାନେ ଆମ ନମ୍ବର ୯୮୭୧୯୭୨୧୭୦ ରେ ଯୋଗାଯୋଗ କରିପାରିବେ ।



# ଭୂୟାଁ ବାବୁଂକ ରୋଷେଇ ଘରୁ .....

ପ୍ରଶାନ୍ତ କୁମାର୍ ଭୂୟାଁ

ଆସନ୍ତୁ !!! ଏହି ଥର ୩ ଗୋଟି ରନ୍ଧା ପ୍ରଣାଳୀ ଶିଖିବା ।




## ୯. ବିରିୟାନି

ବନ୍ଧୁ ମାନେ ସଦାବେଳେ କହିବାରେ ଲାଗିଲେ ଯେ ବିରିୟାନି ତ ଖାଇବାକୁ ଇଚ୍ଛା ହେଲେ ପ୍ରସ୍ତୁତିର ଯେଉଁ ନାଟ ତାମଶା ସେଥିପାଇଁ ହୋଟେଲ୍ ରେ ହିଁ ଖାଇବାକୁ ପଡୁଛି । ବାସ୍, ସେହି ଭଳି ବନ୍ଧୁ ମାନଙ୍କ ପାଇଁ ଏହି ବିରିୟାନି,

ଏହି ବିରିୟାନି ପ୍ରସ୍ତୁତି ପାଇଁ , ଆପଣ କୌଣସି ପ୍ରକାର ମସଲା ବଟୁରା ବଟୁରୀ କରିବା ଦରକାର ନାହିଁ। ଭଲ ଚାଉଳ ୨ କପ ନେଇ ୫/୧୦ ମିନଟ ପାଇଁ ଭିଜାଇ ରଖନ୍ତୁ ଏବଂ ପରେ ସବୁ ପାଣି ନିଗାଡି ଦିଅନ୍ତୁ । ଭଲ ଭାବେ ତାହା ସାଦା ଭାତ ଭଳି ରାନ୍ଧନ୍ତୁ, ଟିକେ ହଳଦୀ ଗୁଣ୍ଡ ପକାଇ। ଗୋଟିଏ କଡାଇ ରେ ୨/୩ ଚାମଚ ଭଲ ଘିଅ ନେଇ ଗରମ କରନ୍ତୁ। ସେଥିରେ ୪ଟି ଲବଙ୍ଗ, ୪ଟି ଗୁଜୁରାତି, ୨ଟି ଡାଲଚିନି ଛାଲି, ୧୦/୧୨ ଟି କାଜୁ ବାଦାମ, ୨/୩ ଟି କଞ୍ଚା ମରିଚ ଲମ୍ବା ଭାବେ କାଟି ଏବଂ ମୁଠାଏ ପୁଦିନା ପତ୍ର ଟିକି ଟିକି କାଟି ପକାଇ ଭାଜନ୍ତୁ। ଭଲ ଭାବେ ୩/୪ ମିନିଟ ପାଇଁ । ତାପରେ ସେଥିରେ

ଛୋଟ ଛୋଟ କଟା ପରିବା (ଗାଜର, ମଟର, ବିନସ୍, ଫୁଲ କୋବି ପ୍ରଭୃତି) ପକାଇ ଦରକାର ପରିମାଣ ର ଲୁଣ ସହ ମିଶାଇ ଦିଅନ୍ତୁ । ପରିବା ସବୁ ସିଝି ଆସିଲା ପରେ ୨/୩ ଚାମଚ୍ ଦହି ପକାଇ ପୁଣି ଥରେ ୨/୩ ମିନିଟ ପାଇଁ ଘାଣ୍ଟନ୍ତୁ । ସେଥିରେ ଟିକେ ଡାଲଚିନୀ ଗୁଣ୍ଡ ଏବଂ ମସାଲା ଗୁଣ୍ଡ ମିଶାଇ ଦିଅନ୍ତୁ ।

ପରେ ଭାତ ମିଶାଇ ଭଲ ରୁପେ ଘାଣ୍ଟନ୍ତୁ, ଏବଂ ଟିକେ ଭାଜି ହେଲା ପରେ

ପ୍ରସ୍ତୁତ ହେଲା ଆପଣଙ୍କ ବିରିୟାନି ।




# ୧୦.କାବୁଲୀ ଚଣା ମସାଲାଦାର

ପ୍ରଥମେ କାବୁଲୀ ଚଣା କୁ ୬/୮ ଘଣ୍ଟା ପାଇଁ ବତୁରାଇ ଦିଅନ୍ତୁ । ମସାଲାଦାର କାବୁଲୀ କରିବା ପୂର୍ବରୁ ଟିକେ ଲୁଣ ମିଶାଇ ଚ ଣା କୁ ସିଝାଇ ଦିଅନ୍ତୁ ।
ମଧ୍ୟମ ଆଞ୍ଚର୍‌ରେ ଗୋଟିଏ କଡ଼ାଇ ଚୁଲି ଉପରେ ବସାନ୍ତୁ । ୨/୩ ଚାମଚ ରିଫାଇନ୍ ତେଲ ନତୁବା ଘିଅ କଡ଼ାଇରେ ପକାନ୍ତୁ । (ଯଦି ଘିଅ ପକାଉଛନ୍ତି ତାହା ହେଲେ ଏହି ଚଣା ଭଜା କୁ ଗରମ୍ ରେ ହିଁ ଖାଇଲେ ଭଲ ।)

ତେଲ ଗରମ ହେଲା ପରେ ସେଥିରେ ୨ ଚାମଚ ଜୀରା, ୧ ଚାମଚ ସୋରିଷ, ଟିକି ଟିକି କଟା ହୋଇଥିବା ୨ ଟି କଞ୍ଚା ମରିଚ ଏବଂ କଟା ପିଆଜ ପକାନ୍ତୁ । ଏହି ସବୁ ପକାଇଲା ପରେ ତାକୁ ଭଲ ଭାବେ ଘାଣ୍ଟନ୍ତୁ ।

ଏହା ଭଲ ଭାବେ ଭାଜି ହେଲା ପରେ ସେଥିରେ ସିଝା ଚଣା, ଦରକାର ଅନୁସାରେ ଲୁଣ , ଗୋଟିଏ ଚାମଚ ଗରମ ମସଲା , ଅଳ୍ପ ହଳଦୀ ଗୁଣ୍ଡ ଓ ମରିଚ ଗୁଣ୍ଡ ପକାଇ , ମିଶାନ୍ତୁ ।

ବର୍ତ୍ତମାନ କଡାଇ କୁ ଘୋଡାଇ ଦିଅନ୍ତୁ ୫/୭ ମିନଟ ପାଇଁ ।

ତାପରେ , ସେଥିରେ ଟିକିଏ ଡାଲଚିନୀ
ଗୁଣ୍ଡ, କୋରା ଯାଇଥିବା ନଡିଆ, ଧନିଆ ପତ୍ର ପକାଇ ପୁଣି ଭଲ ରୁପେ ମିଶାଇ ଦିଅନ୍ତୁ ।

ଖାଇବାକୁ ଦେଲାବେଳେ ଏହା ଭାତ ଓ ଡାଲି ସହ କିମ୍ବା ସ୍ୱତନ୍ତ୍ର ଦିନ ମାନଙ୍କରେ ଏହା ପୁଲାଓ ଅଥବା ବିରିୟାନି ସାଙ୍ଗରେ ମଧ୍ୟ ସଜାଇ ଦେଇ ପାରନ୍ତି ।




## ୧୧. ଆଳୁ ଭାଜି ...

ପ୍ରଥମେ ଗୋଟିଏ କପ ବେସନ ବା ଚଣାଚୁନା ପାଣି ସଙ୍ଗେ ମିଶାଇ ବହଳିଆ ଏକ ଘୋଳ କରନ୍ତୁ । ସେଥିରେ ଟିକିଏ ଖାଇବା ସୋଡା ମିଶାନ୍ତୁ । ( ନ ମିଶାଇଲେ ବି ଚଳିବ ) ଗୋଟିଏ ଚାମଚ ଅଦା + ରସୁଣ ପେଷ୍ଟ ସେଥିରେ ଭଲ ଭାବେ ମିଶାନ୍ତୁ ।

ତାପରେ , ସେହି ମିଶ୍ରଣ ରେ ଶୁଖିଲା ମରିଚ ଗୁଣ୍ଡ , ଅଳ୍ପ ମସଲା ପାଉଡ଼ର ଏବଂ ଦରକାର ପରିମାଣ ର ଲୁଣ ପକାଇ, ପୁଣି ଥରେ ମିଶାନ୍ତୁ । ୫ / ୧୦ ମିନଟ ପରେ

ସେଥିରେ ଚିତ୍ରରେ ଦର୍ଶାଯାଇଥିବା ଭଳି ଆଳୁକୁ ପାତି କରି କାଟି ସେହି ମିଶ୍ରଣ ରେ ବୁଡାଇ ବାହାର କରନ୍ତୁ ଏବଂ ତେଲରେ ଛାଣନ୍ତୁ ।

ଭଲ ଭାବେ ଭାଜି ହେବା ପାଇଁ ଥରେ ଦୁଇଥର ସେହି ଆଳୁକୁ ଓଲଟା ପାଲଟା କରୁଥାନ୍ତୁ ।

ବର୍ତ୍ତମାନ , ଆପଣ ମାନଙ୍କ ର ଭାଜି ପ୍ରସ୍ତୁତ ହୋଇଗଲା...

ଏହି ପ୍ରସ୍ତୁତି.... ଆପଣ ବାଇଗଣ , କଞ୍ଚା କଦଳୀ, ପିଆଜ, ମରିଚ, କାଙ୍କଡ଼ , କଲରା ପ୍ରଭୃତି ପରିବା ପତ୍ର ନେଇ କରି ପାରିବେ । ବିଶେଷ କରି ବନ୍ଧୁ ବାନ୍ଧବ ଘରକୁ ଆସିଲା ବେଳେ ଆପଣ ପାତିକୁ ବିଭିନ୍ନ ଆକାରର କରି ପାରନ୍ତି ଯେପରି କି ଠିକିରି, ପାନ ପତର, ତ୍ରିଭୁଜ ଏବଂ ଆପଣ ମନ କୁ ଆସିଲା ପରି ମଧ୍ୟ ଆକାର କରି ପାରନ୍ତି,

ଏହା ପରଶିଲା ବେଳେ ମରିଚ ଚଟଣୀ ଅଥବା ସାଦା ଚଟଣୀ ସାଙ୍ଗରେ ଦେଇ ପାରନ୍ତି ।



# ଆକାଶେ କି ରଂଗ ଲାଗିଲା

ମୁଁ ସୁରେଶ

ଏ ଆକାଶେ କି ରଂଗ ଲାଗିଲା...
ଏ ମନ କାହାର ସ୍ୱପ୍ନ ରାଇଜରେ ହଜିଲା....
କିଏ ସେ ରୁପସୀ, କିଏ ସେ ମାନସୀ....
ଯାହାକୁ ଏ ହୃଦୟ ମନେ ମନେ ଖାଲି ଖୋଜିଲା...
..... ଆକାଶେ କି ରଂଗ ଲାଗିଲା.......
ଅଧ ରାତିରେ ମୋ ନିଦ କାହା ପାଇଁ ଭାଂଗିଲା...
କିଏ ସେ ନାୟୀକା ମୋ ସ୍ୱପ୍ନରେ ଆସିଲା....
ମୋ ମନ ଆକାଶେ ଡେଣା ଝାଡି ଉଡିଲା....
କାନରେ ମୋର ମିଠା ମିଠା କଥା କହିଲା....
..... ଆକାଶେ କି ରଂଗ ଲାଗିଲା.......
ଦିନ ରାତି ମୋ ମନ କାହା କଥା ଭାବିଲା....
ସବୁବେଳେ ସେ ମୋ ମନ ଉଦ୍ୟାନରେ ବୁଲିଲା....
ମୋ ମନ ଫୂଲର ବାସନାକୁ ସେ ସୁଘିଲା....
ମୋ ହୃଦୟରେ ଘର କରିଲା....
..... ଆକାଶେ କି ରଂଗ ଲାଗିଲା.......
ମୋ ହୃଦୟକୁ ସେ କହିଲା ଖୋଲି ...
ଭଲ ମୁଁ ପାଉଛି ତୁମକୁ ଖାଲି ...
ସେଥିପାଇଁ ମୁଁ, ତୁମ ସ୍ୱପ୍ନରେ, ତୁମ ମନରେ, ତୁମ ଆଖିରେ ନାଚୁଛି ଖାଲି...
ଭୂଲିବନୀ ମୋତେ କାଲି ତୁମେ □ମିତାଲି□....
..... ଆକାଶେ କି ରଂଗ ଲାଗିଲା.......



# ତିନୋଟି ମିନି କବିତା

ବିଦ୍ୟାଧର ପଣ୍ଡା

## ପ୍ରଜାପତି

ସୌନ୍ଦର୍ଯ୍ୟର ପ୍ରତିଲିପି

ରଙ୍ଗମୟ କୁନି କୁନି ଡେଣା;

ଉଡ଼ାଣର ସୁଲଳିତ ଛନ୍ଦ!

ଅନ୍ୟର ଖୁସି ପାଇଁ ନିଜେ ବାଟବଣା।

## ସଡ଼କ

ସମସ୍ତଙ୍କୁ ବାଟ ଦେଖାଉ ଦେଖାଉ

କେଉଁଠି କେମିତି ହଜି ଯାଏ;

ବିବାହର ଧୂମ୍‌ଧାମ୍, ରୋଷଣୀରେ ମଜେ

ପୁଣି ଶେଷଯାତ୍ରାର ସାକ୍ଷୀ ବିସାଜେ।

## ଆନନ୍ଦ

ଖୋଜିଲେ ହୁଏ ଅମୂଲମୂଲ

ଦିଏନାହିଁ ଧରା;

ଅନୁଭବର ସମୟରେ

ଜ୍ଞାନୀ ବି ବୋକା-ପରା!!

ଏହି ପତ୍ରିକାରେ ପ୍ରକାଶିତ ସମସ୍ତ ଲେଖାର ଲେଖକ ଲେଖିକା ମାନେ ପ୍ରତିଷ୍ଠିତ ଲେଖକ ଲେଖିକା ଗୋଷ୍ଠୀ ଅନ୍ତର୍ଭୂକ୍ତ ନ ହୋଇ ପାରନ୍ତି, ତେଣୁ ସେମାନଙ୍କ ଲେଖାରେ ବ୍ୟାକରଣ ଗତ ଭୂଲ ଭଟକା ଥାଇପାରେ, ସେ ସବୁକୁ ଅଣଦେଖା କରି ପତ୍ରିକାକୁ ପଢ଼ିବା ପାଇଁ ଆମ ଅନୁରୋଧ...

ପତ୍ରିକାର ସମ୍ପାଦକ / ପ୍ରକାଶକ ପେଷାରେ ଓଡ଼ିଆ ସାହିତ୍ୟ ସହିତ ସଂଶ୍ଳିଷ୍ଟ ନୁହନ୍ତି, ତେଣୁ ସଂପୂର୍ଣ୍ଣ ନିର୍ଭୂଲ ଓଡ଼ିଆ ପରିବେଷଣ କରିବାର ପ୍ରଚେଷ୍ଟା ମାତ୍ର କରୁଛି, ଧନ୍ୟବାଦ




ଚଳିତ ମାସର ସଂସ୍କରଣକୁ ଡ଼ାଉନଲୋଡ୍ କରି ପଢ଼ିଥିବା ହେତୁ ଆପଣଙ୍କୁ ଧନ୍ୟବାଦ ।

ଏହି ଇ-ପତ୍ରିକା ବିଷୟରେ ଆପଣଙ୍କ ମତାମତ ଆପଣ ଆମ ଇ-ମେଲ୍ ଠିକଣା aahwaan@gmail.com ରେ ଦେଇ ପାରିବେ କିମ୍ବା ଫେସ୍‌ବୁକରେ ଥିବା ଆମ ଗ୍ରୁପରେ ଦେଇ ପାରିବେ ।